

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୩୦୪ ● ୩ ଡିସେମ୍ବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-304 ● 3rd December 2024, Tuesday ● Bhubaneswar
Licensed to post without pre-payment of postage No- BN-60/25-27



## ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ପାରିତ

# ବିକଶିତ ଓଡ଼ିଶା ଗଠନ ପାଇଁ ନୂଆ ସରକାର କାମ କରୁଛନ୍ତି



ଭୁବନେଶ୍ୱର, ୨/୧୨
ନ୍ୟୁଜ ବ୍ୟୁରୋ

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସ୍ୱରାଷ୍ଟ୍ର ବିଭାଗର ୧୩୫୦ କୋଟି ୯୧ଲକ୍ଷ ୯୦ହଜାର ଟଙ୍କା ଏବଂ ସାଧାରଣ ପ୍ରଶାସନ ବିଭାଗର ୩୩କୋଟି ୬୭ଲକ୍ଷ ୪୪ହଜାର ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି ସୋମବାର ବିଧାନସଭାରେ ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଗତ ଏହି ଖର୍ଚ୍ଚଦାବି ଉପରେ ଗୃହରେ ଦୀର୍ଘ ୫ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସରଗରମ ଆଲୋଚନା ହୋଇଥିଲା। ବିରୋଧି ଦଳର ବିଧାୟକମାନେ ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଥିବା ଏବଂ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଥିବା ଅଭିଯୋଗ ଉଠାଇଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିରୋଧି ଦଳର ଅଭିଯୋଗକୁ ଦୃଢଭାବେ ଖଣ୍ଡନ କରିବା ସହ ଉତ୍ତର ରଖିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତ କରି ବିରୋଧି ବିଜେଡି ଏବଂ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ ଯେ, ରାଜ୍ୟରେ ପ୍ରତିଷ୍ଠିତ ନୂଆ ସରକାର ୨୦୩୬ ବେଳକୁ ନୂଆ ଓଡ଼ିଶା ତଥା ବିକଶିତ-ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯେଉଁ ପରିକଳ୍ପନା କରିଛନ୍ତି ସେହି ଅନୁସାରେ ସବୁ ଦିଗରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଭାଷାଭିତ୍ତିରେ (ପୃଷ୍ଠା ୭ରେ)

## ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଟାସ୍କଫୋର୍ସ

ଭୁବନେଶ୍ୱର, ୨/୧୨
ନ୍ୟୁଜ ବ୍ୟୁରୋ

ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଟାସ୍କଫୋର୍ସ ଗଠନ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ଘୋଷଣା କରିଛନ୍ତି। ଘରୋଇ ଓ ସାଧାରଣ ପ୍ରଶାସନ ବିଭାଗ ସମ୍ପର୍କିତ ପ୍ରଥମ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେବାବେଳେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ପ୍ରସ୍ତାବିତ ଟାସ୍କଫୋର୍ସରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଧକ୍ଷ ରହିଥିବା ବେଳେ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ପଶୁସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ନବରଂଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ନରସିଂହ ମାଡକାମୀ, ରୁପେସ କୁମାର ପାଣିଗ୍ରାହୀ, ଉମା ଚରଣ ମଲ୍ଲିକ ଓ ରାମଚନ୍ଦ୍ର କାଡାମ ସଦସ୍ୟ ରହିଛନ୍ତି। ଏହା ବ୍ୟତୀତ ଦକ୍ଷିଣାଞ୍ଚଳ ଆରଡିସି, କେନ୍ଦ୍ରାଞ୍ଚଳ ଆରଡିସି ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଏହାର ସଦସ୍ୟ ରହିବେ। ଯୋଜନା ଓ ସଂଯୋଜନା ବିଭାଗର ସଚିବ ଏହାର ସଦସ୍ୟ ସଚିବ ରହିବେ। ପରିଷଦରେ ଦକ୍ଷିଣ ଓଡ଼ିଶାର କେଉଁ ଜିଲ୍ଲା ଓ ବ୍ଲକ ରହିବ ତାହା ଟାସ୍କଫୋର୍ସ ସ୍ଥିର କରିବା ସହ ୩୦ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଘୋଷଣାରେ ଉଲ୍ଲେଖ କରିଥିଲେ।

## ଆଜି ଆସୁଛନ୍ତି ମହାମହିମ : ନୌସେନା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ



ଭୁବନେଶ୍ୱର, ୨/୧୧
ନ୍ୟୁଜ ବ୍ୟୁରୋ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟସୂଚି ଅନୁସାରେ ମଙ୍ଗଳବାର ଅପରାହ୍ଣ ୨ଟା ୩୦ମିନିଟ ସମୟରେ ସେ ରାଷ୍ଟ୍ରପତି ଭବନରୁ ବାହାରି ପାଲାମ୍ ବିମାନବନ୍ଦରରୁ ସ୍ୱତନ୍ତ୍ର ବାୟୁସେନାର ବିମାନ ଯୋଗେ ଆସି ସନ୍ଧ୍ୟା ୫ଟା ସମୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବେ। ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ପରେ ସେ ୫.୧୦ରେ ବିମାନବନ୍ଦରରୁ ବାହାରି ୫.୩୦ମିନିଟରେ ଚନ୍ଦ୍ରଶେଖରପୁର ନିଳାଦ୍ରୀବିହାର ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗଦେବେ। କାର୍ଯ୍ୟକ୍ରମସାରି ରାଷ୍ଟ୍ରପତି ସନ୍ଧ୍ୟା ୬ଟା ୧୦ମିନିଟରେ ବାହାରି ରାଜଭବନ ପହଞ୍ଚିବେ ଏବଂ ସେଠାରେ ରାତ୍ରୀଯାପନ କରିବେ।

୪ ତାରିଖ ବୁଧବାର ସକାଳ ୯ଟାରେ ରାଷ୍ଟ୍ରପତି ରାଜଭବନରୁ ବାହାରି ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୂର୍ବାହ୍ଣ ୯ଟା ୪୫ମିନଟରେ ପୁରୀ ତାଳବଣିଆ ହେଲିପ୍ୟାଡରେ ଅବତରଣ କରିବେ। ସେଠାରୁ ୧୦ଟା ସମୟରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି । ଏହାପରେ ୧୦.୫୦ରେ ପୁରୀ ସ୍ଥିତ ଶ୍ରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି । ମଧ୍ୟାହ୍ନ ୧୨ଟାରେ ସେଠାରୁ ବାହାରି ପୁରୀ ରାଜଭବନ ଠାରେ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ଣ ୩ଟା ୩୦ମିନିଟ ସମୟରେ ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ୪ତାରିଖ ଦିନ ପୁରୀ ରାଜଭବନ ଠାରେ ରାଷ୍ଟ୍ରପତିଙ୍କ ରାତ୍ରୀଯାପନ କରିବାର କାର୍ଯ୍ୟକ୍ରମ ରହିଛି ।

୫ ତାରିଖ ଗୁରୁବାର ସକାଳ ୯ଟା ୩୫ମିନିଟ ସମୟରେ ରାଷ୍ଟ୍ରପତି ପୁରୀରୁ ବାହାରି ପୂର୍ବାହ୍ଣ ୧୦ଟା ୩୦ମିନିଟ ସମୟରେ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦର ପହଞ୍ଚିବା ପରେ ୧୦ଟା ୫୦ମିନିଟରେ 'ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ'ର ୪୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ମଧ୍ୟାହ୍ନ ୧୨ଟାରେ ସେଠାରୁ ବାହାରି ରାଜଭବନରେ ମଧ୍ୟାହ୍ନ ଭୋଜନ କରିବାପରେ ସନ୍ଧ୍ୟା ୫ଟା ୧୦ମିନିଟରେ ଭୁବନେଶ୍ୱର 'ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସ'ର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ସନ୍ଧ୍ୟା ୬ ଟା ୩୦ମିନିଟରେ ସେଠାରୁ ବାହାରି ରାଜଭବନ ଠାରେ ରାତ୍ରୀଯାପନ କରିବେ (ପୃଷ୍ଠା ୭ରେ)

## ଧମକପୂର୍ଣ୍ଣ ଇ-ମେଲ୍ ମାମଲା

## ଗୁଗୁଲକୁ ଚିଠି ଲେଖିଲେ କ୍ରାଇମ୍‌ବ୍ରାଞ୍ଚ ଏସଟିଏଫ୍

ଭୁବନେଶ୍ୱର, ୨/୧୨
ନ୍ୟୁଜ ବ୍ୟୁରୋ

ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁର ଧମକପୂର୍ଣ୍ଣ ଇ-ମେଲ ଘଟଣାରେ ଗୁଗୁଲକୁ କ୍ରାଇମବ୍ରାଞ୍ଚ ଏସଟିଏଫ୍ ଚିଠି ଲେଖିଛନ୍ତି। କେଉଁ ଆଇପି ଆଡ୍ରେସରୁ ପନ୍ନୁର ଇ-ମେଲରୁ ଅଡିଓ ଆସିଥିଲା ସେନେଇ ତଥ୍ୟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଆବଶ୍ୟକ ପଡ଼ିଲେ ଏନଆଇଏ ମଧ୍ୟ ମାମଲାର ତଦନ୍ତ କରିପାରେ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଡିଜି ସମ୍ମିଳନୀ ଚାଲିଥିବା ବେଳେ ଏକ ଧମକପୂର୍ଣ୍ଣ ମେଲ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ପଠାଇଥିଲା। ଯେଉଁଥିରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଟାର୍ଗେଟ କରାଯାଇଥିଲା।

ଗତ ରବିବାର ଦିନ ଭୁବନେଶ୍ୱର ବିମାନ ବନ୍ଦରରୁ ଉଡ଼ାଣ ନ କରିବାକୁ ଇ-ମେଲରେ ଅଡିଓ ମେସେଜ କରି ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ଚେତାବନୀ ଦେଇଥିଲା। ଏଥିସହ ଡିଜିପି ସମ୍ମିଳନୀକୁ ଭଣ୍ଡୁର କରିବାକୁ ଧମକ ଦେବାସହ ଭିଡିଓ ଜାରି କରି ଭୁବନେଶ୍ୱରକୁ 'ସିଟି ଅଫ୍ ଟେରର'କରିବାକୁ ଧମକ ଦେଇଥିଲା। ଧମକପୂର୍ଣ୍ଣ ଇ-ମେଲ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଚଢ଼ାଦରରେ ଆଳୁ ବିକିଲେ କାର୍ଯ୍ୟାନୁଷ୍ଠାନ: ରେଟ ଚାର୍ଟ ମାରିବାକୁ ତାଗିଦ୍

ଭୁବନେଶ୍ୱର, ୨/୧୨
ନ୍ୟୁଜ ବ୍ୟୁରୋ



ରାଜ୍ୟରେ ଆଳୁ ସଙ୍କଟ ଜାରି ରହିଥିବାବେଳେ ଚଢ଼ାଦରରେ ଆଳୁ ବିକ୍ରି କରାଯାଉଥିବା ଅଭିଯୋଗ ଆଧାରରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। କଟକ ଛତ୍ରବଜାର ଓ ଭୁବନେଶ୍ୱର ୪ ନମ୍ବର ମାର୍କେଟରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବ୍ୟବସାୟିମାନଙ୍କୁ ଚଢ଼ା ଦରରେ ବିକ୍ରିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ତାଗିଦ୍ କରାଯାଇଛି। ଯୋଗାଣ ବିଭାଗ ଅଧିକାରୀ ରାଜଲକ୍ଷ୍ମୀ ପାତ୍ର କହିଛନ୍ତି, ଆଳୁ ଦର ବଢ଼ିଯିବା ଆଶଙ୍କାରେ ଲୋକେ ଅଧିକ ପରିମାଣର ଆଳୁ କିଣୁଛନ୍ତି। ଆଳୁ ବଜାରରେ ଆବଶ୍ୟକ ପରିମାଣରେ ମହଜୁଦ୍ ରହିଛି। ଭୁବନେଶ୍ୱରରେ ଆଳୁ ୪୦ ଟଙ୍କାରୁ ଅଧିକ ଦରରେ ବିକ୍ରି କରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ଅଧିକାରୀ କହିଛନ୍ତି। ଭୁବନେଶ୍ୱର ୪ ନମ୍ବର ମାର୍କେଟରେ ଚଢ଼ଉବେଳେ ଯୋଗାଣ ଅଧିକାରୀ କହିଛନ୍ତି, ୪୦ ଟଙ୍କାରୁ ଅଧିକ ଦରରେ ଆଳୁ ବିକିଲେ ବିକ୍ରେତାଙ୍କୁ ପ୍ରଥମେ ନୋଟିସ ଦିଆଯିବ। ସେ ନୋଟିସରେ କ'ଣ ଜବାବ ଦେବେ ତାହା ଯାଞ୍ଚ କରାଯିବ। ଏହାପରେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ସହିତ ବ୍ୟବସାୟୀଙ୍କୁ ରେଟ୍ ଚାର୍ଟ ଦୋକାନରେ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ସୋମବାର ସକାଳେ ଉତ୍ତରପ୍ରଦେଶରୁ ଗୋଟିଏ ଟ୍ରକ୍ ଆଳୁ କଟକ ଛତ୍ରବଜାରରେ ପହଞ୍ଚିଥିବା ବେଳେ ୪ଟ୍ରକ୍ ଆଳୁ ପଶ୍ଚିମବଙ୍ଗରୁ ଆସି ପହଞ୍ଚିଛି। ସେହିପରି ଉତ୍ତରପ୍ରଦେଶରୁ ଭୁବନେଶ୍ୱର ଆଇଗିଣିଆ ଗୋଦାମରେ ୧୦ରୁ ୧୨ ଆଳୁ ଟ୍ରକ୍ ପହଞ୍ଚିଛି। ସୋମବାର ସକାଳେ କଟକ ଛତ୍ରବଜାରରେ ଆଳୁ କିଲୋଗ୍ରାମ ପିଛା ୫୦ ଟଙ୍କାରେ ବିକ୍ରି ହେଉଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ କଟକ (ପୃଷ୍ଠା ୭ରେ)

## ଛୁଟିରେ ଥିବା ୧୯୬ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨/୧୨
ନ୍ୟୁଜ ବ୍ୟୁରୋ



ଦୀର୍ଘଦିନ ଧରି ଛୁଟିରେ ଥିବା ୧୯୬ ଡାକ୍ତରଙ୍କ ବିରୋଧରେ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ବିଭିନ୍ନ କ୍ୟାଡରର ୧୯୬ ଡାକ୍ତର ଭିନ୍ନଭିନ୍ନ କାରଣ ଦର୍ଶାଇ ଛୁଟିରେ ରହିଛନ୍ତି । ସେମାନଙ୍କ ଛୁଟିର କାରଣ ଯଥାର୍ଥ ନ ଥିଲେ ସେମାନଙ୍କ ବିରୋଧରେ ସରକାରୀ ନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ବିଧାନସଭାରେ ଏହା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ରାଜ୍ୟରେ ବହୁ ଡାକ୍ତର ପଦବୀ ଖାଲି ପଡିଛି। ୧୧୧୪ ସ୍ପେଶାଲିଷ୍ଟ ଡାକ୍ତରଙ୍କ ସହିତ ୫ ହଜାର ୧୪ ଡାକ୍ତର ପଦବୀ ଖାଲି ପଡ଼ିଛି। ୩୦ଟି ଜିଲ୍ଲାର ୩୭୫ଟି ସିଏଚସିରେ ଏହି ଡାକ୍ତରଙ୍କ ପଦବୀ ଖାଲି ପଡିଛି । ସର୍ବାଧିକ ଗଞ୍ଜାମରେ ୪୫୦ ଡାକ୍ତରଙ୍କ ପଦବୀ ଖାଲି ପଡିଥିବା ବେଳେ ମୟୁରଭଞ୍ଜରେ ୩୦୯, ଖୋର୍ଦ୍ଧାରେ ୧୨, କଟକରେ ଏସସିବିରେ ୨୮୧ ଡାକ୍ତର ପଦବୀ ଖାଲି ପଡିଛି । ସେହିପରି ସ୍ପେଶାଲ ଡାକ୍ତର ସର୍ବାଧିକ ମୟୂରଭଞ୍ଜରେ ୮୭, ଗଞ୍ଜାମରେ ୮୭, ଖୋର୍ଦ୍ଧାରେ ୨୯, କଟକରେ ୪୩ ପଦବୀ ଖାଲି ପଡିଛି । ରାଜ୍ୟରେ ଡାକ୍ତର ନିଯୁକ୍ତି ହେଉ ନ ଥିବାବେଳେ ଏକାଧିକ ଡାକ୍ତର ଛୁଟିରେ ରହିଥିବା ଯୋଗୁଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ସରକାର କିପ୍ରକାର ପଦକ୍ଷେପ ନେଇଛନ୍ତି ବୋଲି ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ପ୍ରଶ୍ନ ଉଠାଇଥିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ଏହାର ଉତ୍ତର ଦେଇଛନ୍ତି।

## ନୌସେନା ଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ ଓ ସମସ୍ତ ବିଧାୟକ



ଭୁବନେଶ୍ୱର, ୨/୧୨
ନ୍ୟୁଜ ବ୍ୟୁରୋ

ଆସନ୍ତା ୪ ତାରିଖ ପୁରୀ ସମୁଦ୍ରବେଳାଭୂମିରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଭାରତୀୟ ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ବିରୋଧୀ ଦଳର ନେତା, ବିଧାନସଭାର ସବୁ ଦଳର ସଦସ୍ୟ ସଦସ୍ୟା ଯୋଗ ଦେବା ପାଇଁ ନୌସେନା ପକ୍ଷରୁ ଆମନ୍ତ୍ରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ୪ତାରିଖ ମଧ୍ୟାହ୍ନ ୧୨ଟାରେ ବିଧାନସଭା ପରିସରରୁ ବିଧାୟକମାନଙ୍କୁ ପୁରୀ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଚସ୍ପତି ସୁରମା ପାଢୀ ନୌସେନାର ନିମନ୍ତ୍ରଣ ନେଇ ଗୃହରେ ଘୋଷଣା କରିଥିଲେ। ବାଚସ୍ପତି କହିଥିଲେ ଯେ, ୪ତାରିଖ ଦିନ ୧୨ଟାରେ ବିଧାନସଭା ପରିସରରେ ବିଧାୟକମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ହୋଇଛି। ଏହା ସରିବା ପରେ ଏଠାରୁ ସ୍ୱତନ୍ତ୍ର ବସ୍ ଯୋଗେ (ପୃଷ୍ଠା ୭ରେ)

## ୫ ମାସରେ ୯୦ ସରକାରୀ ବାବୁଙ୍କ ବିରୋଧରେ ମାମଲା



ଭୁବନେଶ୍ୱର, ୨/୧୨
ନ୍ୟୁଜ ବ୍ୟୁରୋ

ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବାର ୫ ମାସ ମଧ୍ୟରେ ୯୦ ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ବିଜେଡି ବିଧାୟକ ପ୍ରତାପ ଦେବଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ (ପୃଷ୍ଠା ୭ରେ)

## ଖୁବ୍‌ଶୀଘ୍ର ଭାରତକୁ ଆସିବ ୨୬ ରାଫେଲ ସାମୁଦ୍ରିକ ଲଢୁଆ ବିମାନ

ନୂଆଦିଲ୍ଲୀ, ୨/୧୨

ଭାରତ ଖୁବ୍‌ଶୀଘ୍ର ଫ୍ରାନ୍ସଠାରୁ ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ ଆଣିବ। ଆସନ୍ତା ମାସରେ ଏହି ଡିଲ ସମ୍ପନ୍ନ ହୋଇପାରେ ବୋଲି ସୂଚନା ଦେଇଛନ୍ତି ନୌସେନା ମୁଖ୍ୟ ଦୀନେଶ ତ୍ରିପାଠୀ। ନୌସେନା ଦିବସ ଉପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ବୁଝାମଣା ନେଇ ଆଉ ଗୋଟିଏ ପର୍ଯ୍ୟାୟ ଆଲୋଚନା ବାକି ରହିଛି। ଏହା ଶେଷ ହେଲେ ଫ୍ରାନ୍ସ ସହିତ ଡିଲ୍ ସମ୍ପନ୍ନ ହେବ। ସେ ଆହୁରି କହିଛନ୍ତି ଯେ, (ପୃଷ୍ଠା ୭ରେ)

## ଏକାଳ ସକାଳ



ଅନ୍ୟ ଦଳୁ ଆସୁଛନ୍ତି ନେତା, ହେଲେ
ପଡୋଶୀ ଛାଡେନି ଆଳୁ
ଦର ଦେଖି ଶୁଣିକି ଲୋକଙ୍କ
ମାଟି ଖସେ ପାଦ ତଳୁ
ଦରଦାମ୍ ଡିଆଁ ମାରେ ସାଲୁ ସାଲୁ
ଟିକେ ହେଲେ ଯଦି କମାଇ ଦିଅନ୍ତ
ଶୁଖନ୍ତାନି ଆଉ ତାଳୁ !!

## ପ୍ରୋଟିନ୍ ପରିବର୍ତ୍ତନ ପାଇଁ ମେସିନ୍ ଲର୍ଣ୍ଣିଂ ପ୍ରେଡିକ୍ଟର



ନୂଆଦିଲ୍ଲୀ,୨।୧୨

ପ୍ରୋଟିନର ମୂଳ ଆନୁବଂଶିକ ସଂରଚନାରେ ପରିବର୍ତ୍ତନ ପାଇଁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି), ମାଡ୍ରାସର ଗବେଷକମାନେ ଏକ ମେସିନ ଲର୍ଣ୍ଣିଂ ଆଧାରିତ ପ୍ରେଡିକ୍ଟର ବିକଶିତ କରିଛନ୍ତି। ବର୍ତ୍ତମାନର ପଦ୍ଧତି ଅଧିକ ସମୟସାପେକ୍ଷ ଏବଂ ବ୍ୟୟବହୁଳ ହୋଇଥିବାବେଳେ ନୂଆ ପଦ୍ଧତି ଏହା ତୁଳନାରେ ବହୁତ ଉନ୍ନତ ବୋଲି ଜଣେ ଅଧିକାରୀ କହିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଆଇଟି) ଆଧାରିତ ଉପକରଣରେ ୟୁଜର ଅନୁକୂଳ ୱେବ୍ ସର୍ଭର ରହିଛି, ଯାହା ଗବେଷକମାନଙ୍କ ପାଇଁ ସୁଗମତା ବଢ଼ାଇଥାଏ। ବାୟୋଇନଫର୍ମେଟିକ୍ସ ନାମକ ମର୍ଯ୍ୟାଦାଜନକ ପତ୍ରିକାରେ ଏହି ଗବେଷଣା ପ୍ରକାଶ ପାଇଛି।

ପ୍ରୋଟିନ୍ ଅଧ୍ୟୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଲ୍ ସିଗ୍ନାଲିଂ, ପ୍ରତିରୋଧ ପ୍ରତିକ୍ରିୟା ଏବଂ କୋଷ ଚକ୍ରଣରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ସେଗୁଡ଼ିକ ଏଞ୍ଜାଇମ୍ ଭାବେ ରହିପାରେ ଏବଂ ଜୈବରସାୟନ ପ୍ରତିକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ମାଂସପେଶୀ ଟିସୁରେ ଥିବା ଆକ୍ଟିନ୍ ଏବଂ ମ୍ୟୋସିନରେ ମଧ୍ୟ ଏହାର ଗଠନମୂଳକ ଏବଂ ଯାନ୍ତ୍ରିକ କାର୍ଯ୍ୟ ରହିଛି। ତେବେ ପ୍ରୋଟିନ୍-ପ୍ରୋଟିନ୍ କମ୍ପ୍ଲେକ୍ସରେ ମ୍ୟୁଟେଶନ ବା ମୂଳ ଆନୁବଂଶିକ ସଂରଚନାରେ ପରିବର୍ତ୍ତନ ବେଳେ ସମସ୍ୟା ସୃଷ୍ଟି ହୋଇଥାଏ। ଏହା କମ୍ପ୍ଲେକ୍ସର ସ୍ଥିରତାକୁ ପ୍ରଭାବିତ କରିବା (ପୃଷ୍ଠା ୭ରେ)

## ସଂସଦରେ ସମ୍ବିଧାନ ଉପରେ ହେବ ବିତର୍କ



ନୂଆଦିଲ୍ଲୀ, ୨/୧୨

ସଂସଦକୁ ଆସିବ ସମ୍ବିଧାନ ପ୍ରସଙ୍ଗ। ସମ୍ବିଧାନ ଉପରେ ବିତର୍କ ପାଇଁ ଲୋକସଭା ଓ ରାଜ୍ୟସଭାର ସମସ୍ତ ବିରୋଧୀ ଓ ଶାସକ ଦଳର ସାଂସଦମାନେ ଏକମତ ହୋଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଡିସେମ୍ବର ୧୩ରୁ ୧୭ ମଧ୍ୟରେ ଚାରିଦିନ ଧରି ସଂସଦର ଉଭୟ ଗୃହରେ ସମ୍ବିଧାନ ଉପରେ ବିତର୍କ ହେବ।

ନଭେମ୍ବର ୨୫ ତାରିଖରୁ ସଂସଦର ଶୀତକାଳୀନ (ପୃଷ୍ଠା ୭ରେ)





### ଧାମନଗର ଅଞ୍ଚଳରେ ବାତ୍ୟା 'ଦାନା'ର ପ୍ରଭାବ ନଥିବା ସତ୍ତ୍ୱେ

# କ୍ଷୟକ୍ଷତି ଆଳରେ ୧୯ କୋଟି ୩୮ ଲକ୍ଷ ୫୦ ହଜାର ଟଙ୍କା ହାତେଇ ନେବାକୁ ଉଦ୍ୟମ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**



ଚଳିତ ବର୍ଷ । ଅକ୍ଟୋବର ମାସ ବାତ୍ୟା 'ଦାନା' ପ୍ରଭାବରେ ଧାମନଗର ବ୍ଲକର ବିଭିନ୍ନ ବିଦ୍ୟାଳୟ, ରାସ୍ତାଘାଟ, ପଞ୍ଚାୟତ କାର୍ଯ୍ୟାଳୟ ଅଙ୍ଗନୱାଡ଼ି କେନ୍ଦ୍ର, କମ୍ୟୁନିଟି ସେଣ୍ଟର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଏବଂ ସେହି କ୍ଷୟକ୍ଷତିର ପୁନଃ ମରାମତି ନିମନ୍ତେ ମୋଟ ୧୯ କୋଟି ୩୮ ଲକ୍ଷ ୫୦ ହଜାର ଟଙ୍କା ଅର୍ଥ ବ୍ୟୟ ବରାଦ ହୋଇଥିବା ଜଣାପଡିଛି । କ୍ଷୟକ୍ଷତି ମଧ୍ୟରେ ଧାମନଗର ବ୍ଲକ ଥିବାର ୪୬୮ଟି ରାସ୍ତା ମରାମତି ନିମନ୍ତେ ୯ କୋଟି ୩୬ ଲକ୍ଷ ଟଙ୍କା,୧୮୬ଟି କମ୍ୟୁନିଟି ସେଣ୍ଟରର ମରାମତି ନିମନ୍ତେ ୨ କୋଟି ୭୯ ଲକ୍ଷ ଟଙ୍କା, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଇତ୍ୟାଦି ୫୬ଟି ଘରର ମରାମତି ନିମନ୍ତେ ୧ କୋଟି ୧୨ ଲକ୍ଷ ଟଙ୍କା,୧୦୫ଟି ଅଙ୍ଗନୱାଡ଼ି କେନ୍ଦ୍ରର ମରାମତି ପାଇଁ ୧ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କା ଏବଂ ୨୨ ଟି ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦିର ମରାମତି କାର୍ଯ୍ୟ କରିବା ପାଇଁ ୪ କୋଟି ୫୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । କିନ୍ତୁ ପ୍ରକୃତରେ ଧାମନଗର ଅଞ୍ଚଳରେ ବାତ୍ୟା ଦାନାର ପ୍ରଭାବ ପଡ଼ିନାହିଁ ଏବଂ ଯେଉଁ ପବନ ହୋଇଥିଲା ସେଥିରେ ମରାମତି ନିମନ୍ତେ ତାଲିକା ହୋଇଥିବା ବିଦ୍ୟାଳୟ, କମ୍ୟୁନିଟି ସେଣ୍ଟର, ଅଙ୍ଗନୱାଡ଼ି କେନ୍ଦ୍ର କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ଇତ୍ୟାଦିର କୌଣସି କ୍ଷୟ କ୍ଷତି ତଥା ଚୂନ ଟିକିଏ ବି ଝଡ଼ିନାହିଁ । ସେହିପରି କେତେକ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କୁ ପଚାରିବାରୁ ଏଥର ବାତ୍ୟାରେ ନିଜ ପଞ୍ଚାୟତରେ କୌଣସି କ୍ଷୟକ୍ଷତି ହୋଇ ନଥିବା କହିଛନ୍ତି ଏବଂ କ୍ଷୟକ୍ଷତି ସମ୍ପର୍କରେ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ନାହାନ୍ତି ବୋଲି କହିଛନ୍ତି । ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ବାତ୍ୟା ପ୍ରଭାବରେ ଯେଉଁ ପ୍ରବଳ ବର୍ଷା ହୋଇଥିଲା । ସେଥିରେ ରେବ, କପାଳି, ଏବଂ ନାଳିଆ ନଦୀରେ ବନ୍ୟା ଆସି ବନ୍ୟାରେ ଅସୁରାଳି ଅଞ୍ଚଳରେ କେତେକ ପଞ୍ଚାୟତ ଚାଷଜମି ପ୍ରଭାବିତ ହୋଇଥିଲା । ବ୍ଲକର ଅବଶିଷ୍ଟ ଧୁଷୁରୀ, ଧାମନଗର ଏବଂ ଦୋବଲ ଜୋନ ସମେତ ଧାମନଗର ସହରାଞ୍ଚଳରେ ବନ୍ୟା କିମ୍ବା ବାତ୍ୟାର କୌଣସି ପ୍ରଭାବ ନଥିଲା । ଏବେ ସମଗ୍ର ବ୍ଲକ ଏବଂ ସହରାଞ୍ଚଳରେ ବାତ୍ୟା ଓ ବନ୍ୟାରେ କ୍ଷୟକ୍ଷତି ହୋଇଥିବା ଦର୍ଶାଇ ତାହା ମରାମତି କରିବା ଆଳରେ ମିଛ ପ୍ରକଳ୍ପ ପ୍ରସ୍ତୁତ କରି ସେ ବାବଦରେ କୋଟି କୋଟି ଟଙ୍କା ସରକାରୀ ଅର୍ଥ ତୋଷାରପାତ କରି ନେବାକୁ ଉଦ୍ୟମ ହେଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ପ୍ରକଳ୍ପ ଅନୁମୋଦନ ଏବଂ ଅନୁଦାନ ମଞ୍ଜୁର ହୋଇଥିବା ସମ୍ପର୍କରେ ବ୍ଲକ ଏବଂ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀଙ୍କ କଥାରେ କୌଣସି ତାଳ ମେଳ ରହୁନାହିଁ । ବାତ୍ୟାରେ ଧାମନଗର ଅଞ୍ଚଳରେ ହୋଇଥିବା କ୍ଷୟ କ୍ଷତି ଏବଂ ତାହାର ପୁନଃ ମରାମତି ପାଇଁ ବ୍ୟୟ ବରାଦ ହୋଇଥିବା ଅର୍ଥର ପରିମାଣ କେତେ ? ଇତ୍ୟାଦି ସମ୍ପର୍କରେ ଧାମନଗର ବଡ଼ିଓଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ତଥ୍ୟ ନଥିବା ସେ ମନା କରିଛନ୍ତି । ବିଡ଼ିଓଙ୍କ ପାଖରେ ତଥ୍ୟ ନାହିଁ । ହେଲେ ପ୍ରକଳ୍ପ ଅନୁମୋଦନ ହୋଇ ଅର୍ଥ ମଞ୍ଜୁର ହୋଇ ସାରଲାଣି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ବଡ଼ିଓଙ୍କ ମନ୍ତବ୍ୟ ସନ୍ଦେହ ଘେରରେ ଥିବା ବେଳେ ଏ ବାବଦରେ ବ୍ଲକ ସହକାରୀ ଯନ୍ତ୍ରୀ ବାତ୍ୟାରେ ଧାମନଗର ଅଞ୍ଚଳର ହୋଇଥିବା କ୍ଷୟ କ୍ଷତି ଏବଂ ତାହାର ପୁନଃ ମରାମତି ନିମନ୍ତେ ଉପରୋକ୍ତ ପରିମାଣ ଅର୍ଥ ବ୍ୟୟ ବରାଦ ହୋଇଥିବା ସ୍ପଷ୍ଟ କରାଇଛନ୍ତି । ବ୍ଲକର ଥିବା ଯନ୍ତ୍ରୀମାନେ ବାତ୍ୟା କ୍ଷୟକ୍ଷତିର ବିବରଣୀ ଦେଇଥିବା ସହକାରୀ ଯନ୍ତ୍ରୀ କହିଛନ୍ତି । ବାତ୍ୟା କ୍ଷୟ କ୍ଷତି ତାଲିକା ପ୍ରଦାନ ସମ୍ପର୍କରେ ଯନ୍ତ୍ରୀଙ୍କୁ ପଚାରିବାରୁ ସେମାନେ ନିଜର ନାମ ଗୋପନ ରଖି କହିଛନ୍ତି ଯେ କ୍ଷୟ କ୍ଷତିର ତାଲିକା ଆମେ ଦେଇନାହୁଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ୨୦୨୩ମସିହା ଅଗଷ୍ଟ ମାସରେ ଧାମନଗରରେ ହୋଇଥିବା ବନ୍ୟା କ୍ଷୟକ୍ଷତିର ପୁନଃ ନିର୍ମାଣ ପାଇଁ ଆସିଥିବା ଅନୁଦାନର କାର୍ଯ୍ୟ ଏଯାଏଁ ଶେଷ ହୋଇନାହିଁ । ପୁଣି ବାତ୍ୟା ଦାନା କ୍ଷୟ କ୍ଷତି ର ପୁନଃ ମରାମତି ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ଏଭଳି ସ୍ଥିତିରେ କୋଟି ଟଙ୍କା ସରକାରୀ ଅର୍ଥ ବାଟ ମାରଣା ହେବା ଆଗରୁ କ୍ଷୟ କ୍ଷତିର ନିରପେକ୍ଷ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି ।

## ଜାନୁଆରୀ ୨ରୁ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା




**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବୌଦ୍ଧ ମହୋତ୍ସବ ୨୦୨୫ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, କନ୍ଧମାଳ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଚଳିତବର୍ଷ ବୌଦ୍ଧ ମହୋତ୍ସବ ଜାନୁଆରୀ ୨ରୁ ୬ ପର୍ଯ୍ୟନ୍ତ କଚେରୀ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଗଲା । ସ୍ଥାନୀୟ କଳାକାରମାନେ ଅପରାହ୍ନ ୪ ଘଟିକାରୁ ସଂଧ୍ୟା ୭ ପର୍ଯ୍ୟନ୍ତ, ପରେ ପରେ ସଭା ଏବଂ ରାତ୍ର ୮ ଘଟିକା ରୁ ୧୦.୩୦ ପର୍ଯ୍ୟନ୍ତ ଜିଲ୍ଲା ତଥା ରାଜ୍ୟ ବାହାର କଳକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତାବ ଆଗତ ହେଲା । ହନୁମାନ ମନ୍ଦିର ଠାରେ ବାଲୁକା ଶିଳ୍ପକଳା ପ୍ରଦର୍ଶନୀ ହେବାର ତଥା ମେଳା ପରିସରରେ ଭ୍ରାମ୍ୟମାଣ ଏଟିଏମ ରଖାଯିବା ଏବଂ ପଡ଼ିଆକୁ ସମ୍ପୂର୍ଣ୍ଣ ରୂପେ ସବୁଜ ଗାଲିଚ଼ା କରିବାର ପ୍ରସ୍ତାବ ଆଗତ ହେଲା । ମହୋତ୍ସବକୁ ସୁଚ଼ାରୁ ରୂପେ ପରିଚ଼ାଳନା କରିବା ପାଇଁ ଅର୍ଥ, ଶାନ୍ତି ଶୃଙ୍ଖଳା, ଉଦ୍‌ଘାଟନୀ, ପ୍ରଚ଼ାର ପ୍ରସାର, ଅଭ୍ୟର୍ଥନା, ସ୍ମରଣିକା, ସମ୍ବର୍ଦ୍ଧନା, ଖାଦ୍ୟ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ମଞ୍ଚ ପରିଚ଼ାଳନା ଓ ସାଜ ସଜ୍ଜା କମିଟି ଗଠନ କରିବାକୁ ପ୍ରସ୍ତାବ ଆଗତ ହେଲା । ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା ପାଇଁ ଜିଲ୍ଲା ଅଗ୍ନିଶମ ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଗଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କୁର ଯାନୀ ସଭା ସଂଯୋଜନା କରି ପ୍ରସ୍ତୁତି ବୈଠକର ବିବରଣୀ ପାଠ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।

## ଶାର୍ଦ୍ଦୁଳ ଖମାରୀ ହତ୍ୟାକାଣ୍ଡ ମାମଲା : ୨ ନାବାଳକ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଥାନା ବିକ୍ରମପୁର ଗ୍ରାମର ଶାର୍ଦ୍ଦୁଳ ଖମାରୀ ହତ୍ୟାକାଣ୍ଡ ମାମଲାର ଦୁଇ ନାବାଳକ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ବୌଦ୍ଧ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ । ଗତ ଜୁନ୍‌୪, ୨୦୧୫ ମସିହାରେ ପୂର୍ବ ଶତ୍ରୁତାକୁ ନେଇ ଶାର୍ଦ୍ଦୁଳ ଖମାରୀଙ୍କ ହତ୍ୟା ହୋଇଯାଇଥିଲା । ଶାର୍ଦ୍ଦୁଳଙ୍କ ପୁଅ ଶ୍ୟାମ ଖମାରୀ ମନମୁଣ୍ଡା ଥାନାରେ ୧୨ ଜଣଙ୍କ ନାମରେ ଅଭିଯୋଗ କରିଥିଲେ ଓ ତନ୍ମଧ୍ୟରୁ ୨ ଜଣ ନାବାଳକ ଥିଲେ । ବୌଦ୍ଧ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ଉଭୟ ନାବାଳକ ଅଭିଯୁକ୍ତଙ୍କ ବିଚ଼ାର ଚାଲିଥିଲା । ଶୁକ୍ରବାର ଜୁଭେନାଇଲ୍ ଜଷ୍ଟିସ ବୋର୍ଡର ପ୍ରିନ୍‌ସପାଲ ଜଜ୍ ଜୟ ପ୍ରକାଶ ନାଏକ ମାମଲାର ବିଚ଼ାର କରି ଉଭୟ ନାବାଳକ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଥିଲେ । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ କୁମାର ଦଲାଲ ମାମଲା ପରିଚ଼ାଳନା କରୁଥିଲେ ।

## ଘାଟିରେ ଡକାୟତି : ଲୁଟି ନେଲେ ୧୦ ହଜାର ଟଙ୍କା

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ବାଲିଗୁଡ଼ା ଥାନା ଅନ୍ତର୍ଗତ ପରମପାଙ୍ଗା ଘାଟିରେ ଡକାୟତି ହୋଇଥିବା ଅଭିଯୋଗ ହୋଇଛି ବାଲିଗୁଡ଼ା ଥାନାରେ । ଜଣେ ବୁଲା କମଳ ବିକାଳି ଠାରୁ ୧୦ହଜାର ସମେତ ତା'ର ପକେଟରୁ ସବୁ ନେଇ ଯାଇଛନ୍ତି । ଏହାକୁ ନେଇ ସେଲିମ ସେଖ୍ ଡକାୟତି ହୋଇଥିବା ଅଭିଯୋଗ କରିଛନ୍ତି ଯେ, ସେ ନିଜ ବାଇକ୍‌ରେ କମଳ ଧରି ବିକ୍ରି କରିବାକୁ କୃତମଗଡ଼ ଯାଇଥିଲେ । ବେପାର ସାରି ଫେରିବା ସମୟରେ ଗଦିରଙ୍ଗିଆ ଘାଟିରେ ୫ଜଣ ଯୁବକ ଅଟକାଇ ମତେ ହଠାତ ମାଡ଼ ମାରିଥିଲେ । ମୋର ମୋବାଇଲ ଏବଂ କମଳ ବିକ୍ରିକରି ଧରିଥିବା ୧୦ହଜାର ଟଙ୍କା ଛଡ଼ାଇ ନେବା ସହ ପକେଟରେ ଥିବା ମୋର ଆଧାରକାର୍ଡ, ଭୋଟରକାର୍ଡ ଛଡ଼ାଇ ନେଇଗଲେ । ଏହାପରେ ସେମାନେ ଦୁଇଟି ବାଇକ୍ ଗୋଟିଏ ନୂଆ ବାଇକ୍ ଏବଂ ଅନ୍ୟଟ କଳା କଲର ଗାଡ଼ି ଥିଲା । ଏହି ଗାଡ଼ିରେ ନମ୍ବର ପ୍ଲେଟ ନଥିଲା । ବାଲିଗୁଡା ଥାନା ଅଧିକାରୀ ଶୁଶାନ୍ତ ସାହୁ କହିଛନ୍ତି ଯେ ଗଦିରିଙ୍ଗିଆ ଘାଟିରେ ଏହି ଘଟଣା ଘଟିଥିବା ନେଇ ଆଉ ଜଣେ ଅଭିଯୋଗ କରିଛନ୍ତି ଏହାକୁ ନେଇ ଏକମାମଲା ରୁଜୁ କରି ଏହାର ତଦନ୍ତ କରୁଛୁ ବୋଲି କହିଛନ୍ତି ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବ ଫିଟ୍ ଇଣ୍ଡିଆ ସପ୍ତାହ

**ବାଲେଶ୍ୱର, ନ୍ୟୁଜ୍**

ଭାରତ ସରକାରଙ୍କର କ୍ରୀଡ଼ା ବିଭାଗ, ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ, ଫିଟ୍ ଇଣ୍ଡିଆ ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନିର୍ଦ୍ଦେଶ ଅନୁଯାୟୀ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟରେ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଷଷ୍ଠ ଫିଟ୍ ଇଣ୍ଡିଆ ସପ୍ତାହ ପାଳନ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସୋମବାର ଠାରୁ ସପ୍ତାହବ୍ୟାପୀ ପାଳିତ ହେବାକୁ ଯାଉଥିବା ଏହି ଭିନ୍ନ ଧରଣର ଉତ୍ସବରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ପ୍ରାଧାନ୍ୟ ଦେଇ ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀ ପ୍ରତିପୋଷଣ ପାଇଁ ବିଭିନ୍ନ ଫିଟନେସ୍ ଏବଂ ସୁସ୍ଥତା କାର୍ଯ୍ୟକଳାପର ଆୟୋଜନର ପଦକ୍ଷେପ ନିଆଯାଇଛି । ଏଥିରେ ଅଂଶଗ୍ରହଣକାରୀମାନେ ଯୋଗ ଅଧିବେଶନ, ଫିଟନେସ୍ ଚ୍ୟାଲେଞ୍ଜ, ସଚେତନତା କାର୍ଯ୍ୟକ୍ରମର ଅଂଶବିଶେଷ ହେବା ସହିତ ଏବଂ ଉତ୍ସାହଜନକ ଖେଳକୁଦଗୁଡିକୁ ଉପଭୋଗ କରିପାରିବେ । କୁଳପତି ପ୍ରଫେସର ତ୍ରିପାଠୀ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରାଥମିକତା ଦେବା ସହ ଏହି ଫିଟ୍ ଇଣ୍ଡିଆ ସପ୍ତାହକୁ ଏକ ବଡ଼ ସଫଳତା ପରିବର୍ତ୍ତନ କରିବାପାଇଁ ଏହି ପ୍ରୟାସରେ ବିଶ୍ୱବିଦ୍ୟାଳୟ ସହିତ ଯୋଗ ଦେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମର ଆୟୋଜନର ଦାୟିତ୍ୱ ଭୂତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଅରୁଣ କୁମାର ନାଏକଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି ।

## ଏମସିଏଲ୍ ସିଏସଆରଙ୍କ ବୌଦ୍ଧଜିଲ୍ଲା ସଂଗ୍ରହାଳୟ ପରିଦର୍ଶନ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଏମସିଏଲ୍‌ର ସାମାଜିକ ଦାୟିତ୍ୱବୋଧ ମାଲହୋଥ ରାମକୁମାର, ଡେପୁଟି ମ୍ୟାନେଜର ଅରବିନ୍ଦ ସାହୁଙ୍କ ଜିଲ୍ଲା ସଂଗ୍ରହାଳୟ ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସହକାରୀ ମତ୍ସ୍ୟ ଅଧିକାରୀ ଲିପିପ୍ସା ଦାସ, ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କୁର କୁମାର ଜାନି ଉପସ୍ଥିତ ରହି ସଂଗ୍ରହାଳୟର ବିଭିନ୍ନ କକ୍ଷ, ମିରର ହାଉସ, ଗ୍ରାଭିଟି ଟର୍ଣ୍ଣେଲ, ୧୧ ଡି ଆଦି ବୁଲି ଦେଖାଇ ଥିଲେ । ପରେ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସଂଗ୍ରହାଳୟର ରକ୍ଷଣା ବେକ୍ଷଣ, ବ୍ରାଣ୍ଡିଙ୍ଗ ଆଦି ବିଷୟରେ ଆଲୋଚ଼ନା କରିଥିଲେ ।



## ୫୨ ବରିଷ୍ଠ ନାଗରିକଙ୍କ ମାଗଣା ଚକ୍ଷୁ ପରୀକ୍ଷା

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**




ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ସ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ଚାକୁଣ୍ଡାପାଳ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଗୃହରେ ଏକ ଦିବସୀୟ ଚକ୍ଷୁ ପରୀକ୍ଷା ଶିବିର ଓ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱସ୍ତି ଫାଉଣ୍ଡେସନର ସମ୍ପାଦକ ମାନସ ରଞ୍ଜନ ପଣ୍ଡାଙ୍କ ସମ୍ପାଦନାରେ ଅନୁଷ୍ଠିତ ଏହି ଚକ୍ଷୁ ପରୀକ୍ଷା ଶିବିରରେ, ଚାଖୁଣ୍ଡାପାଳ ପଞ୍ଚାୟତର ଚାଖୁଣ୍ଡାପାଳ, ଜମ୍ଭେଇପଶି, ଜଡିଚାତର, ସରଧାପୁ୍ର୍, ଶ୍ୟାମସୁନ୍ଦରପୁର, ସାନ ଗମ୍ଭାରିଆ ଗ୍ରାମରୁ ୫୨ ଜଣ ବରିଷ୍ଠ ବ୍ୟକ୍ତିଙ୍କର ଚକ୍ଷୁ ପରିକ୍ଷା କରାଯାଇଥିଲା । ଭୂମିକା ଚକ୍ଷୁ ଚିକିତ୍ସାଳୟର ଜୋନାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନାଙ୍କ ମାର୍ଗଦର୍ଶନରେ ଭୂମିକା ଚକ୍ଷୁ ଚିକିତ୍ସାଳୟର ଗୋଷ୍ଠୀ ସ୍ୱାସ୍ଥ୍ୟ ପରିଚାଳକ ରୁଦ୍ର ନାରାୟଣ ଲୋହାର, ବରିଷ୍ଠ ସ୍ୱାସ୍ଥ୍ୟ ସେବିକା ଆଶାଲତା ସାହୁ, ସସ୍ମିତା ମହାନ୍ତ, କ୍ଷେତ୍ରୀୟ ସଙ୍ଗଠକ ଦିଲୀପ କୁମାର ପରିଡ଼ା ଓ ସ୍ୱସ୍ତି ଫାଉଣ୍ଡେସନ ଚେୟାରମ୍ୟାନ ଭକ୍ତ ବତ୍ସଳ ମହନ୍ତି ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଓ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ୧୪ ଜଣ ବରିଷ୍ଠ ନାଗରିକଙ୍କୁ ମୋତିଆବିନ୍ଦୁ ଚିହ୍ନଟ କରାଯାଇ, ପରବର୍ତ୍ତୀ ଚିକିତ୍ସା ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ମୋବାଇଲ ଭ୍ୟାନ ଯୋଗେ ପ୍ରେରଣ କରାଯାଇଥିଲା । ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ସଭାପତି ମନୋଜ କୁମାର ମହାନ୍ତ, ସମ୍ପାଦକ ରଣଜିତ୍ କୁମାର ମହାନ୍ତ, ତ୍ରିଲୋଚନ ମହାନ୍ତ, ସୁଶାନ୍ତ କୁମାର ମହାନ୍ତ, ସୁବାସ ମହାନ୍ତ, ବିକେ ଜ୍ୟୋତି ପ୍ରକାଶ ଆନନ୍ଦ, ମନୋଜ ପଲେଇ ପ୍ରମୁଖ ଶିବିରରେ ଉପସ୍ଥିତ ରହି ରୋଗୀମାନଙ୍କୁ ନେବା ଆଣିବା ଓ ଚିକିତ୍ସାଳୟକୁ ପଠାଇବା କାମ କରିଥିଲେ । ସ୍ୱସ୍ତି ଫାଉଣ୍ଡେସନ, କେନ୍ଦୁଝର ତରଫରୁ ୨୨ ଜଣ ବରିଷ୍ଠ ନାଗରିକଙ୍କୁ ଚକ୍ଷୁ ପରୀକ୍ଷା ପରେ ମାଗଣା ଚଷମା ବଣ୍ଟନ କରା ଯାଇଥିଲା ।

## ଥାନା ନିକଟସ୍ଥ ଦୋକାନରୁ ଚୋରି

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ବାରଙ୍ଗ ଥାନା ପାଖରେ ଥିବା ଏକ ଭେରାଇଟ ଦୋକାନର ତାଲାଭାଙ୍ଗି ଚୋରି ହୋଇଥିବାର ଅଭିଯୋଗ ହୋଇଛି । ଡେଲ୍ଟା କଲୋନୀର ଚିତ୍ତରଞ୍ଜନ ସାହୁ ନାମକ ଯୁବକ ଥାନା ପାଖରେ ଭେରାଇଟ ଦୋକାନ କରିଛନ୍ତି । ସବୁଦିନ ଭଳି ବୁଧବାର ରାତିରେ ସେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ । ଗୁରୁବାର ସକାଳେ ଦୋକାନ ଖୋଲିବାକୁ ଆସିଥିବା ବେଳେ ଦୋକାନର ତାଲା ଭଙ୍ଗାଯାଇ ଦୋକାନ ଭିତରୁ ପ୍ରାୟ ୩୦ହଜାର ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବାର ଦେଖିବାକୁ ପାଇଥିଲେ । ସବୁଠାରୁ ବଡ଼କଥା ହେଲା ବୁଧବାର ରାତିରେ ପୋଲିସ ଥାନା ଆଗରେ ବ୍ଲକିଂ କରିଥିଲେ ମଧ ଥାନା ପାଖରୁ ଚୋରି ହେବା ଘଟଣା ଚୋରମାନେ ପୋଲିସକୁ ଖୋଲା ଚାଲେଞ୍ଜ ଦେଇଥିବାର ଜଣାପଡିଛି । ଅନ୍ୟପଟେ ଏହି ଚୋରି ଘଟଣା ପରେ ଆଖପାଖ ଦୋକାନୀମାନେ ଭୟଭୀତ ହୋଇ ପଡିଛନ୍ତି ।

## ଗ୍ରାମପଞ୍ଚାୟତ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିରାମହରାଜପୁର ବ୍ଲକ ସୁବଳୟା ଗ୍ରାମ ପଞ୍ଚାୟତ ସଭାଗୃହ ଠାରେ ରେଆର ସୋନପୁର ତରଫରୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତାରେ ଗ୍ରାମ ପଞ୍ଚାୟତ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନାଇବ ସରପଞ୍ଚ, ଜୟନ୍ତୀ ମେହେର, ସୁବଳୟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ବେହେରା, ଯୋଗାଣ ସହାୟକ ଭରତ ଖମାରୀ, ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସମ୍ପାଦକ ଚକ୍ରଧର ପଧାନ, ଏମବିକେ ବବିତା ରାଣୀ ମହାପାତ୍ର ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ରେଆରର ପ୍ରକଳ୍ପ ସଂଯୋଜକ ବିଶ୍ୱମ୍ବର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିତ୍ରଭାନୁ ମଲ୍ଲିକ ବୈଠକର ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତର ସିଆରପି, ୱାର୍ଡ ସଭ୍ୟ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ । ଶେଷରେ ସୁଦାମ ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘର ଉପରେ ପଡ଼ିଲା ତେନ୍ତୁଳି ଗଛ : ଅଳ୍ପକେ ବର୍ତ୍ତିଲେ ପରିବାର

**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ନନ୍ଦପୁର ବ୍ଲକ ଖଡ଼ଗପୁର ଗାଁର ଜଣେ ମହିଳାଙ୍କ ଘର ଉପରେ ତେନ୍ତୁଳି ଗଛ ପଡ଼ି ଘରର କ୍ଷତି ହୋଇଥିବା ଥିବା ସହ ଘରେ ଥିବା ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଘର ପାର୍ଶ୍ୱରେ ଥିବା ଏକ ତେନ୍ତୁଳି ଗଛଟି ଭାଙ୍ଗି କି ମାଳତୀ କିର୍ଶାନିଙ୍କ ଛାତ ଘର ଉପରେ ପଡ଼ିଯାଇ ଥିଲା । ନନ୍ଦପୁର ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେବା ପରେ ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ପର୍ଶୁରାମ ପାତ୍ର, ଏଫ୍ ଏମ ଥବିର ଭୋଇ, ପ୍ରକାଶ କିଶାନ, ଆଶିଷ ପାଣି ଓ ଦିନେଶ ସେଠୀଆ ପହଞ୍ଚି ଗଛ କାଟି ସଫା କରିଥିଲେ ।

## ନାନୋ କାର୍ ସହ ୨୧୮ ବୋତଲ ବିଦେଶୀ ମଦ ଜବତ୍ : ୨ କୋର୍ଟ ଚାଲାଣ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଥାନା ପୋଲିସ୍ ପକ୍ଷରୁ ନାନୋ କାର୍ ସହ ୨୧୮ ବୋତଲ ବିଦେଶୀ ମଦ ଜବତ ମାମଲାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚ଼ନା ଅନୁଯାୟୀ ବୌଦ୍ଧ ଥାନା ପୋଲିସ୍ ପାଟ୍ରୋଲିଂ ବେଳେ ଜାତୀୟ ରାଜପଥ ନଂ ୫୭ର ଗାନ୍ଧୀଗ୍ରାମ ନିକଟରେ ଏକ ନାନୋ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ି ମଧ୍ୟରୁ ୨୧୮ ବୋତଲ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବାହାରିଥିଲା । ଗାଡ଼ିରେ ଥିବା ମଦର କୌଣସି କାଗଜପତ୍ର ନଥିବାରୁ ଗାଡ଼ି ସହ ମଦକୁ ଜବତ୍ କରି ଥାନାକୁ ଅଣା ଯାଇଥିଲା । ସେହିପରି ଗାଡ଼ିରେ ଥିବା ଦେବଗଡ଼ ଜିଲ୍ଲା ଲଇମୁରା ଗ୍ରାମର ପ୍ରକାଶ ସୁନାନୀ ଓ ବୌଦ୍ଧ ଥାନା କରଡ଼ି ଗ୍ରାମର ମାନସ ବାଘକୁ ପୋଲିସ୍ ଗିରଫ କରିଥିଲା । ବୌଦ୍ଧ ଥାନାରେ ୪୨୯/୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚ଼ାଲାଣ କର ଯାଇଥିବା ଆଇଆଇସି ରଞ୍ଜିତ କୁମାର ମୁନୀ ସୁଚ଼ନା ଦେଇଛନ୍ତି ।

## ମୁରିବାହାଲରେ ୩୫ରୁ ଉର୍ଦ୍ଧ୍ୱ ଜଣଙ୍କ ସ୍ୱେଚ୍ଛାକୃତ ରକ୍ତଦାନ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ମୁଖ୍ୟାଳୟ ସ୍ଥିତ ଫରେଷ୍ଟ୍ ବଙ୍ଗଳା ଠାରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି । ସ୍ଥାନୀୟ ମା' ମାହେଶ୍ୱରୀ ସେନା ଏବଂ ବଜରଙ୍ଗ ଦଳ ମୁରିବାହାଲ ପ୍ରଖଣ୍ଡ ପକ୍ଷରୁ ଏହି ରକ୍ତଦାନ ଶିବିରର ଆୟୋଜନ ହେଇଥିଲା । ମୁରିବାହାଲ ମାହେଶ୍ୱରୀ ସେନାର ସଭାପତି ସୁବ୍ରତ୍ କୁମାର ମହାକୁର ଏବଂ ବଜରଙ୍ଗ ଦଳ ମୁରିବାହାଲର ପ୍ରଖଣ୍ଡ ସଂଯୋଜକ ପଦ୍ମଲୋଚନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ସଂପୃକ୍ତ ବ୍ଲକ୍ ଅଧ୍ୟକ୍ଷ ହରିବନ୍ଧୁ ମେହେର ଏବଂ ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ସି.ଏଚ୍.ସି ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ରାକେଶ ପଣ୍ଡିତ, ଡକ୍ଟର ଇପ୍ସିତା ବେହେରା, ମୁରିବାହାଲ ସିଡିପିଓ ପୂର୍ଣ୍ଣିମା ବୈଠାରୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ଏହି ଶିବିରରେ ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାୟକଙ୍କ ସମେତ ପ୍ରାନ୍ତ ସହ ସଂଯୋଜକ ସୌମ୍ୟରଞ୍ଜନ ମିଶ୍ର ଏବଂ ଟିଟିଲାଗଡ଼ ଜିଲ୍ଲା ସଂଯୋଜକ ରାଜେଶ କୁମାର ପଟ୍ଟନାୟକ ଉପସ୍ଥିତ ରହି ବଜରଙ୍ଗ ଦଳର ଆଭିମୁଖ୍ୟ ଏବଂ ରକ୍ତଦାନର ଉପକାରିତା ସମ୍ବନ୍ଧରେ ନିଜ ନିଜର ମତ ରଖିଥିଲେ । ଏହି ରକ୍ତଦାନ ଶିବିରରେ ପ୍ରାୟ ୩୫ରୁ ଉର୍ଦ୍ଧ୍ୱ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିବା ବେଳେ ଏଥିରେ କଣ୍ଟାବାଞ୍ଜି ରକ୍ତ ଭଣ୍ଡାରର ଟେକନିସିଏନ୍ ଗଜପତି ବେହେରା, କୁନାଲ୍ ଦାସ ଏବଂ ଶିବ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ ଏବଂ ପ୍ରଦୀପ ମହାପାତ୍ର ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ସେହିପରି ଏଥିରେ ବଜରଙ୍ଗ ଦଳର ଜିଲ୍ଲା ସହ ସଂଯୋଜକ ମାନସ ଖଣ୍ଡଗିରି, ବେଲପଡ଼ା ପ୍ରଖଣ୍ଡ ସଂଯୋଜକ ସୁରେଶ ଡାଙ୍ଗ, ସଇଁତଳା ପ୍ରଖଣ୍ଡ ସଂଯୋଜକ ରାକେଶ କୁମାର ସାହୁ, ଜିଲ୍ଲା ଗୋ ରକ୍ଷା ପ୍ରମୁଖ ସୁଧାଂଶୁ ପୋଡ଼ ଯାଦବ, ମୁରିବାହାଲ ଦୁର୍ଗା ବାହିନୀର ସହ ସଂଯୋଜିକା ସୋନାଲୀ ପ୍ରଭା ସାହୁଙ୍କ ସମେତ ମୁରିବାହାଲ ମାହେଶ୍ୱରୀ ସେନାର ଉପସଭାପତି ରାହୁଲ ପଧାନ, ଲବ ପଧାନ, ସମ୍ପାଦକ ପ୍ରଦୀପ ବଘାର, ସେନା ପ୍ରମୁଖ ପ୍ରକାଶ ଚନ୍ଦ୍ର ବଘାର, ପ୍ରଶାନ୍ତ ମାହାର,ରାଜୀବ ପଧାନ, ଲିଲୁ ମୋହନ ପଧାନ, କୋଷାଧ୍ୟକ୍ଷ ଲଳିତ ବଘାର, କାର୍ଯ୍ୟକାରୀ ସଭାପତି ସତ୍ୟଜିୟ ପଧାନ, ଉମାକାନ୍ତ ଅମାତ, ରାଜୀବ ପଧାନ, କୁନୁ ପଧାନ ନିତିନ ବଘାର, ରିକୁ ବଘାର ଉପଦେଷ୍ଟା କମିଟିରୁ ଅଗସ୍ତି ବଘାର, ପ୍ରଫୁଲ୍ଲ ବଘାର, ସୁଦାମ ଚରଣ ବଘାର, ସୁବାଷ ବଘାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜନ କଲ୍ୟାଣ ସେବା ଟ୍ରଷ୍ଟର କମ୍ବଳ ବଣ୍ଟନ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ବରଗଡ଼ର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ରାତି ୧୨ଟା ପରେ ବରଗଡ଼ ରେଲୱେ ଷ୍ଟେସନ, ବରାହଗୋଡ଼ା, ନାଗେନପଲିଗାନ୍ଧି ଛକ, ବସ୍ ଷ୍ଟାଣ୍ଡ, ଭଟିଲି ଛକ, ବିକାଶ ସ୍କୁଲ ଛକ, ଗୁରୁଦ୍ୱାରା ଛକ, ଥାନା ଛକ ଠାରେ ରାତ୍ରୀ ସମୟରେ ରାସ୍ତା କଡ଼ରେ ନିଘୋଡ଼ ନିଦ୍ରାରେ ଶୋଇଥିବା ସମୟରେ ଶୀତ ବସ୍ତ୍ର ନ ଥିବା ଅସହାୟ, ବୃଦ୍ଧ ଓ ବୃଦ୍ଧା ତଥା ଅସହାୟ ଲୋକଙ୍କୁ ଅନୁଷ୍ଠାନ ତରଫରୁ ଶୀତ ବସ୍ତ୍ର (କମ୍ବଳ) ପ୍ରଦାନ କରାଯାଇଥିଲା । ଏହା ପ୍ରତ୍ୟେକ ବର୍ଷ ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥାଏ । ଏହି ଶୀତ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ୭ ଦିନ ପର୍ଯ୍ୟନ୍ତ ରାତ୍ରୀ ସମୟରେ ଚାଲିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଡଃ ମୁକୁନ୍ଦ ଦାଶ ସୂଚନା ପ୍ରଦାନ କରିଛନ୍ତି । ଏହି ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମାଜସେବୀ ଅଞ୍ଜନା ଦାସ, ଡଃ ଶକ୍ତି କୁମାର ତ୍ରିପାଠୀ, ପରେଶ ମେହେର, ସୁରେନ୍ଦ୍ର ମିଶ୍ର, ଗାୟତୀ ଇତ୍ୟାଦି ବଦାନ୍ୟ ବ୍ୟକ୍ତିମାନଙ୍କ ସହାୟତାରେ ଅନୁଷ୍ଠାନ ତରଫରୁ ବଣ୍ଟନ କରାଯାଇଥିଲା । ବଣ୍ଟନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆଜୀବନ ସଦସ୍ୟ ବୃନ୍ଦାବନ ବେହେରା, ସଦସ୍ୟ ତଥା ସମାଜସେବୀ ରାଜକୁମାର ବନଛୋର ସହଯୋଗ କରିଥିଲେ । ପ୍ରକାଶ ଥାଉକି ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ ୭ ଦିନ ପର୍ଯ୍ୟନ୍ତ ରାତି ୧୨ ଟାରୁ ୨ ଟା ପର୍ଯ୍ୟନ୍ତ ଜାରୀ ରହିବ ବୋଲି ଅନୁଷ୍ଠାନର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡଃ ଅଜିତ କୁମାର ନାଥ ସୂଚନା ପ୍ରଦାନ କରିଯାଇଛନ୍ତି ।

# ଆଇଆଇଏମ୍ ପକ୍ଷରୁ ଆବାସିକ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଅନ୍ୟତମ ପ୍ରମୁଖ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଏହାର କ୍ୟାମ୍ପସରେ ମାଲବ୍ୟ ମିଶନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ଏମଏମଟିଟିପି) ତତ୍ତ୍ୱାବଧାନରେ ନର୍ଚରିଂ ଫ୍ୟୁଚର୍ ଲିଡରସିପ୍‌ର ଦ୍ୱିତୀୟ ବ୍ୟାଚ୍ ପାଇଁ ୫ ଦିନିଆ ଆବାସିକ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦେଶର ୧୬ଟି ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନର ୨୮ ଜଣ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଏବଂ ଏନଇପି ୨୦୨୦ର ଦୃଷ୍ଟିକୋଣ ସହିତ ସମନ୍ୱିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଉଚ୍ଚଶିକ୍ଷା ଅନୁଷ୍ଠାନ (ଏଚଇଆଇ)ର ଅଧ୍ୟାପକମାନଙ୍କୁ ଏକ ପରିବର୍ତ୍ତନଶୀଳ ଶିକ୍ଷଣ ଅନୁଭୂତି ପ୍ରଦାନ କରି ଜ୍ଞାନ, ଦକ୍ଷତା ଏବଂ ଗୁଣଗୁଡ଼ିକର ଗଭୀର ବୁଝାମଣା ସୃଷ୍ଟି କରି ପରିଚାଳନା ଏବଂ ନେତୃତ୍ୱ ନେବାରେ ଆହ୍ୱାନ ଚିହ୍ନଟ କରି ଅତ୍ୟାବଶ୍ୟକ ନେତୃତ୍ୱ ଦକ୍ଷତା ବିକାଶ କରିବା ପାଇଁ ସଶକ୍ତ କରିବା ।

ସ୍ୱାଗତ ଭାଷଣରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, "ମାନ୍ୟତା ଓ ର୍‍ୟାଙ୍କିଙ୍ଗ ମାଧ୍ୟମରେ ଜାତୀୟ ସମୃଦ୍ଧି ଓ ଅନ୍ତର୍ଜାତୀୟ ମାନ୍ୟତା ସୁଦୃଢ଼ ତୃଣମୂଳ ସ୍ତରର ଶିକ୍ଷାରୁ ଆରମ୍ଭ ହୋଇଥାଏ । ଆଇଆଇଏମ୍ ସମ୍ବଲପୁରରେ ଆମେ ବିଶ୍ୱାସ କରୁ ଯେ ଶିକ୍ଷାରେ ନେତୃତ୍ୱ ହେଉଛି ଅଭିନବତା, ଅଖଣ୍ଡତା ଏବଂ ସାମଗ୍ରିକତାକୁ ପ୍ରୋତ୍ସାହିତ କରିବା ଏବଂ ଶାସନକୁ ବଢ଼ାଇବା । ଆମର ଏମଏମଟିଟିପି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା, ମାନବୃଦ୍ଧି କରିବା, ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବା ଏବଂ ବ୍ୟବସ୍ଥାଗତ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ତଥା ଉଭୟ ଜାତୀୟ ଅଭିବୃଦ୍ଧି ଏବଂ ବିଶ୍ୱସ୍ତରୀୟ ଉତ୍କର୍ଷତାରେ ଯୋଗଦାନ କରିବା ପାଇଁ ଶିକ୍ଷାନେତାମାନଙ୍କୁ ସଶକ୍ତ କରିବା । ଏକ ରାଷ୍ଟ୍ରର ସମୃଦ୍ଧି କେବଳ ତାହାର ପ୍ରତିଭା ଓ ସମ୍ବଳ ଉପରେ ନିର୍ଭର କରେ ନାହିଁ ବରଂ ତା'ର ଶିକ୍ଷାଗତ ଢାଂଚାରେ ବିକଶିତ ନୈତିକ ଓ ସ୍ୱଚ୍ଛ ଶାସନ ନୀତି ଉପରେ ନିର୍ଭର କରେ ।"

ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ଏହି ଏମଏମଟିଟିପି ପ୍ରୋଗ୍ରାମ ଏକ ଇଣ୍ଟରଆକ୍ଟିଭ୍ ଶିକ୍ଷାଦାନକୁ ନିୟୋଜିତ କରେ ଯେଉଁଥିରେ କେସ୍ ଷ୍ଟଡି ଶିକ୍ଷାଦାନ ପଦ୍ଧତି ଅନ୍ତର୍ଭୁକ୍ତ, ପଠନ, ବକ୍ତୃତା ଏବଂ ସିମୁଲେସନ୍ ସହିତ ଅନ୍ୟାନ୍ୟ ଭାବ ବିନିମୟ ଅଭ୍ୟାସ ସାମିଲ ରହିଛି ଯାହା ଉଭୟ ପାର୍ଶ୍ୱ-କାର୍ଯ୍ୟକାରୀ ସମନ୍ୱୟ, ସଂଘର୍ଷ ସମାଧାନ ଏବଂ ସହମତି ସୃଷ୍ଟି କୌଶଳକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶିକ୍ଷକ ଏବଂ ପ୍ରଶାସକମାନଙ୍କୁ ସେମାନଙ୍କ ଅନୁଷ୍ଠାନ ଏବଂ ସମୁଦାୟ ମଧ୍ୟରେ ପ୍ରଭାବଶାଳୀ ନେତା ହେବାକୁ ସଶକ୍ତ କରିବ ।''

ଆଇଆଇଏମ୍ ସମ୍ବଲପୁର ଅଧ୍ୟାପକଙ୍କ ପକ୍ଷରୁ ୫ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଏକାଧିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଓୟୁଏଟି ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ପରିସ୍ଥିତିଗତ ନେତୃତ୍ୱ ଉପରେ ଗୋଟିଏ ଅଧିବେଶନ ନେଇଥିଲେ । କାର୍ଯ୍ୟକ୍ରମକୁ ଏମଏମଟିଟିପିର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ରାମକୃଷ୍ଣ ପାଢ଼ୀ ପରିଚୟ ପ୍ରଦାନ କରିଥିବା ବେଳେ ଏମଏମଟିଟିପିର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ପୁନମ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

30 YEARS ସମ୍ବାଦ କଳିକା

# ପେଟ୍ରୋଲ ଏବଂ ଡିଜେଲ ଉପରେ ଭଲ ଲାଭ କରୁଛନ୍ତି ତୈଳ କମ୍ପାନୀ

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ଖସିଛି। ୮୦ ଡଲାର ତଳେ ବ୍ରେଣ୍ଟ କ୍ରୁଡ୍ । ଏଭଳି ସ୍ଥିତିରେ ନରେନ୍ଦ୍ର ମୋଦି ସରକାର ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେଇପାରନ୍ତି । ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ସାଧାରଣ ନିର୍ବାଚନ ଥିବାବେଳେ ପେଟ୍ରୋଲ ଏବଂ ଡିଜେଲ ଦର ଖସାଇପାରନ୍ତି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। କ୍ରମାଗତ ତୃତୀୟ ପାଳି ପାଇଁ କ୍ଷମତାକୁ ଆସିବା ପାଇଁ ଭାରତୀୟ ଜନତା ପାର୍ଟି ରଣନୀତି ପ୍ରସ୍ତୁତ କରିଛି । ଦେଶରେ ଜୀବନଧାରଣ ଖର୍ଚ୍ଚ କମାଇବା ଦିଗରେ ନରେନ୍ଦ୍ର ମୋଦି ସରକାର ଆସନ୍ତା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଦର କମାଇ ଲୋକଙ୍କୁ ଆଶ୍ୱସ୍ତ କରିପାରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି ଭାରତରେ ମୁଦ୍ରାସ୍ଫୀତି ଚିନ୍ତାଜନକ ସ୍ତରରେ ରହିଛି । ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତର ୫.୬୯% ଥିଲା । ଆର୍‌ବିଆଇ ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏହା ତାହାର ଯଥେଷ୍ଟ ଉପରେ ରହିଛି । ତେଣୁ ଇନ୍ଧନ ଦରରେ ହ୍ରାସ କରାଗଲେ ଲୋକେ କିଛି ମାତ୍ରାରେ ଉପକୃତ ହେବେ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଆସନ୍ତା କିଛି ମାସ ମଧ୍ୟରେ ସାଧାରଣ ନିର୍ବାଚନ ହେବ । ଏଭଳି ସ୍ଥିତିରେ ଦରବୃଦ୍ଧିଜନିତ ସମସ୍ୟା ଯେପରି ଏଥିରେ କୌଣସି କେଁ ନ ପଶାଏ ତାହା ଉପରେ ସରକାରଙ୍କ ନଜର ରହିବ। ସୂଚନାଯୋଗ୍ୟ, ଘରୋଇ ବଜାରରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ମୋଦି ସରକାର ବିଭିନ୍ନ ପ୍ରକାର ରପ୍ତାନି କଟକଣା ଲାଗୁ କରିଛନ୍ତି ଏବଂ କେତେକ ସାମଗ୍ରୀର ମହଜୁଦ ସୀମା କାର୍ଯ୍ୟକାରୀ କରିଛନ୍ତି । ବଜାରରେ ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନିଗୁଡ଼ିକର ୯୦% ନିୟନ୍ତ୍ରଣ ରହିଛି । ଦର ହ୍ରାସ କରିବା ପାଇଁ ଏହା ସେମାନଙ୍କ ପାଇଁ ଉପଯୁକ୍ତ ସମୟ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ରେଟିଂ ଏଜେନ୍ସି ଇକ୍ରା ପ୍ରକାଶ କରିଛି ଯେ, ଅଶୋଧିତ ତୈଳ ଦରରେ ହ୍ରାସ ଯୋଗୁ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୧ ଟଙ୍କା ଏବଂ ୬ ଟଙ୍କା ଲାଭ କରୁଛନ୍ତି ତୈଳ ବିପଣନ କମ୍ପାନି । ୨୦୨୨ରେ ଯେତେବେଳେ ତୈଳ ଦର ଉଚ୍ଚ ରହିଥିଲା ଉକ୍ତ ସମୟରେ କମ୍ପାନିଗୁଡ଼ିକ ସହିଥିବା କ୍ଷତିର ଭରଣା ହୋଇ ଏବେ ବିପୁଳ ଲାଭ କଲେଣି। ତେଣୁ ବର୍ତ୍ତମାନ ସେମାନଙ୍କ ପାଇଁ ଏହା ଦର ହ୍ରାସ କରିବାର ସମୟ ।

# ଗଣତନ୍ତ୍ରରେ ମାର୍ଗଦର୍ଶକ ନ୍ୟାୟପାଳିକା



ଡ. ସାରଦା ପ୍ରସାଦ କର
ଡାକବଙ୍ଗଳା ଛକ, ପୁରୁଣା ଭୁବନେଶ୍ୱର
ମୋ-୮୨୪୯୮୨୭୧୪୮

କୋର୍ଟ ସମୟରେ ବିଚାରପତିଙ୍କୁ 'ଇଓର ଲର୍ଡସିପ' କିମ୍ବା 'ମାଇଁ ଲର୍ଡ' ସମ୍ବୋଧନ ପରିବର୍ତ୍ତେ 'ସାର' କିମ୍ବା ଅତିବେଶିରେ 'ଇଓର ଅନର' ପରି ଶବ୍ଦ ବ୍ୟବହାର ପରାମର୍ଶ ଦେଇଥିବା ଜଷ୍ଟିସ ଏସ. ମୁରଲୀଧରନ ଉତ୍ତର-ପୂର୍ବ ଦିଲ୍ଲୀ ସାମ୍ପ୍ରଦାୟିକ ଦଙ୍ଗା ଲାଗି ଦିଲ୍ଲୀ ପୋଲିସକୁ ଦାୟୀ କରିବାରେ ଫେବୃଆରୀ ୨୬, ୨୦୨୦ ମଧ୍ୟରାତ୍ରିରେ ତାଙ୍କୁ ବଦଳି ଆଦେଶ ଦିଆଗଲା । ପଞ୍ଜାବ ଉଚ୍ଚ ନ୍ୟାୟାଳୟକୁ ଯାଇଥିବା ମୁଖ୍ୟ ରାସ୍ତାର ପ୍ରତ୍ୟକ ଛକରେ ସ୍ୱାଗତ ତୋରଣ ସହ ଲେଖାଥିଲା- 'ଦିଲ୍ଲୀର କ୍ଷତି ପଞ୍ଜାବର ଲାଭ'। ସେଦିନ ଦେଶର ଆଦେଶଦାତାଙ୍କୁ ଆଦେଶ କଥାଟି ଅନେକଙ୍କ ହଜମ ହୋଇନଥିଲା । ଦିଲ୍ଲୀ ପୋଲିସର କମଜୋରି ପଦାରେ ପଡିବା ଭୟ ଯେତିକି ସରକାରଙ୍କୁ ନଥିଲା ଏହା ଠାରୁ ବେଶି ଭୟ ଥିଲା କାଳେ ଦିଲ୍ଲୀର ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ସାମ୍ବିଧାନିକ ପଦବୀରେ କଳା ଲାଗିଯିବ, ସରକାର ବାହାରକୁ ଅପାରଗ ଦିଶିବେ । ସରକାର ଉତ୍ତର-ପୂର୍ବ ଭାରତରୁ ପ୍ରଥମକରି ଅଧିଷ୍ଠିତ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ନ୍ୟାୟମୂର୍ତ୍ତି ଜଷ୍ଟିସ ତରୁଣ ଗୋଗୋଇଙ୍କୁ ନଭେମ୍ବର ୨୦୨୦ରେ ଅବସର ନେବାକ୍ଷଣି ରାଜ୍ୟସଭାକୁ ମନୋନୀତ କରି ରାଷ୍ଟ୍ରପତି ବେଶ ଆନନ୍ଦିତ ବୋଲି କହିଦେଲେ । ଅବଶ୍ୟ ପୂର୍ବରୁ ପ୍ରଧାନ ନ୍ୟାୟମୂର୍ତ୍ତି ଜଷ୍ଟିସ ପି. ସଦାଶିବମଙ୍କୁ କେରଳ ରାଜ୍ୟପାଳ ଅଧିଷ୍ଠିତ କରାଇ ସରକାର ନ୍ୟାୟଦାତାଙ୍କୁ ନ୍ୟାୟପୂର୍ଣ୍ଣ ଆଚରଣ କରନ୍ତି ବୋଲି ସୂଚାଇ ଦେଲେ ।

ଆହରନ ବାରାକ ତାଙ୍କ ଲିଖିତ ପୁସ୍ତକ 'ଦି ଜଜ ଇନ ଏ ଡେମୋକ୍ରାସି' ପୁସ୍ତକରେ ଲେଖିଥିଲେ - "ମାର୍ଗଦର୍ଶକ ହୋଇଥିବାରୁ ନ୍ୟାୟିକ ନୀତି ଏବଂ ବୈଚାରିକ ଦର୍ଶନ ନ୍ୟାୟପାଳିକାର ମୌଳିକ ଅଧିକାର"। ବର୍ଷ ୨୦୧୫ରୁ ମୋଦୀ ସରକାର ଜିଦି ଧରିଛନ୍ତି, ଏଣିକି ବିଚାରପତି ନିଯୁକ୍ତିରେ ନିଜେ ବାଡ଼ି ପକେଇ ଜଗିବେ । ପୁରୁଣା ପରମ୍ପରା, ପାଞ୍ଚ ଜଣିଆ ବରିଷ୍ଠ ନ୍ୟାୟଧୀଶଙ୍କ ଅନୁମୋଦନ କ୍ରମେ ମୋହର ମାରିବା କଥାକୁ ସରକାର ଆଉ ସହ୍ୟ କରିପାରିବେନି । ସାମ୍ବିଧାନିକ ଉତ୍ତରଦାୟୀତ୍ୱକୁ ବଳୀ ଦେଇ "ତୁ ମାନ ଯା ନା ମାନ ମେଁ ତେରା ମେହମାନ" ନୀତିରେ ଆଇନ ମନ୍ତ୍ରୀ କିରଣ ରିଜିଜୁ ବ୍ୟବସ୍ଥାକୁ ଚିରି ଫୋପାଡ଼ି ଦେବାର ଯେଉଁ ଡରାଣ ଡରେଇଲେ ଏହା ୧୯୭୫ର ଜରୁରୀ ଆଇନ ଅପେକ୍ଷା କେତେ ଗୁଣା ଅଧିକ ଭୟଙ୍କର ଥିଲା । ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବ ବିଚାରପତି ତଥା ପୂର୍ବ ସଲିସିଟର ଜେନେରାଲ ଏନ. ସନ୍ତୋଷ ହେଗଡେ ସ୍ପଷ୍ଟୀକରଣ ରଖିଲେ ଯେ କଲେଜିଅମ ପଦ୍ଧତି ଚବିଶ କ୍ୟାରଟ ନହୋଇପାରେ ହେଲେ ଏହା ଖାଦଯୁକ୍ତ ବୋଲି କେହି କହିପାରିବେନି ।

ଦେଶରେ କେବଳ ନିରପେକ୍ଷ ନ୍ୟାୟ ପ୍ରଦାନ ଉପରେ ସାଧାରଣରେ ବିଶ୍ୱାସ ବୃଦ୍ଧି ପାଇବା ବଡ଼କଥା, ମାର୍ଗଦର୍ଶକଙ୍କୁ ମାର୍ଗ ଦେଖେଇବା କାମ ସରକାରଙ୍କର ନୁହେଁ। ଭାରତର ପୂର୍ବ ପ୍ରଧାନ ବିଚାରପତି ଆର. ସି. ଲାହୋଟିଙ୍କ ଭାଷାରେ ଶାସନର ତିନୋଟି ଅଙ୍ଗ- ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ପରସ୍ପର ମଧ୍ୟରେ ବିଶ୍ୱାସ ରଖିବା ଉଚିତ । ଗୋଟିଏ ଅଙ୍ଗ ଅନ୍ୟଟିର କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟା, ଅବହେଳାର ସମୀକ୍ଷା କିମ୍ବା ପ୍ରମାଣିକତା ଅଭାବର ଆଳ ଦେଖେଇ ପାରିବ ନାହିଁ । କାର୍ଯ୍ୟ ସମ୍ପାଦନାରେ ଜାଣି ଜାଣି ହେଉ କିବା ଅଜାଣତରେ ବାଧକ ସାଜିବା ବିଷୟ ପ୍ରତି ଅଦାଲତ ଗୁଡ଼ିକ ଅଧିକ ସଚେତନ ରହିବା ଆବଶ୍ୟକ । ସଂଯମ ଅବଲମ୍ବନ ପୂର୍ବକ ଜନସାଧାରଣଙ୍କ ସାମ୍ବିଧାନିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖାଗଲେ, ନିରପେକ୍ଷ ନ୍ୟାୟ ପ୍ରଦାନ ନେଇ ଜନ ବିଶ୍ୱାସ ବୃଦ୍ଧି ପାଇବ ।

ଚାରିକୋଟିରୁ ଉର୍ଦ୍ଧ୍ୱ ମାମଲା ଅଦାଲତରେ ଗଡୁଥିବା ବେଳେ ନ୍ୟାୟ ପ୍ରଦାନରେ ଅହେତୁକ ବିଳମ୍ବକୁ 'ଶୁଭସ୍ୟ ଶୀଘ୍ରମ' ନା 'ବିଳମ୍ବେନଃ କାର୍ଯ୍ୟ ସିଦ୍ଧି' ଭାବରେ ଆମେ ଗ୍ରହଣ କରିବା ? ତ୍ୱରିତ ନ୍ୟାୟ ଲୋଡ଼ା ହେଲେ ସେଭଳି ନ୍ୟାୟ ବ୍ୟବସ୍ଥାରେ ଇଜିପଟର ରାଜା ଫିରୋନଙ୍କ ଭଳି ନିର୍ଦ୍ଦୟ ହୋଇଯିବା ସମିଚୀନ ହେବନାହିଁ । ପାରିଷଦଙ୍କ କଥାରେ ଆଶୁ ବିଚାର ନାମରେ ନିରୀହଙ୍କୁ ଶୁଳୀ ଚଢେଇଦେବା ଫଳରେ ଇଜିପ୍ଟର ରାଜା ଫିରୋନ ସବୁଦିନ ଲାଗି ଜନମାନସରେ ଭୟ ଆଉ ହିଂସାର ସୌଦାଗର ହୋଇ ରହିଗଲେ । ମଲାପରେ ତାଙ୍କୁ ଦେଶର ପ୍ରଜାଗଣ ଇଞ୍ଚେ ବି ଜାଗା ନଦେବା ନିଷ୍ପତ୍ତିରୁ ମର ଶରୀରକୁ ବାଧ ହୋଇ କାଚ ଘର ଭିତରେ ସାଇତା ଗଲା । ଯାହା ପ୍ରତିବର୍ଷ ଆୟତନରେ ବଢ଼ିବାରେ ଲାଗିଛି । ମୋହଗ୍ରସ୍ତ ଗଣରାଜାମାନେ ବିଚାର ପଦ୍ଧତିକୁ ସ୍ୱତନ୍ତ୍ରତାରୁ ବଞ୍ଚିତ କଲେ ଗଣ ଅବିଶ୍ୱାସକୁ ଚାଲିଯାଇପାରନ୍ତି । ପୂର୍ବ ବିଚାରପତି ମାନ୍ୟବର ଶ୍ରୀଯୁକ୍ତ ୱାଇ.ଭି. ଚନ୍ଦ୍ରଚୂଡ଼ କାର୍ଯ୍ୟକାଳ ସରିବାର ମାସକ ପୂର୍ବରୁ ନିଜ ବାସଭବନରେ ଧାର୍ମିକ ଆୟୋଜନ କରି ପ୍ରଧାନମନ୍ତ୍ରୀଙ୍କୁ ଆତିଥେୟତା ଦବା ଓ ଗଣମାଧ୍ୟମ ସମାଲୋଚିତ ହେବାରେ ଖବରଦାତାଙ୍କ ସମ୍ମିଳନୀ ଆୟୋଜନ କଲେ । ସେଠାରେ ବିବୃତି ଦେବାବେଳେ ସେ ନିଜକୁ ଦାୟିତ୍ୱସମ୍ପନ୍ନ କହି ବ୍ୟବସ୍ଥାପକ ଓ କାର୍ଯ୍ୟପାଳିକା ଠାରୁ ସମଦୂରତା ବିଷୟରେ ଜ୍ଞାତଥିବା କହିଦେଲେ । ଏଥିରୁ ଅନୁମେୟ, ଜ୍ଞାତରେ ହେଉ ବା ଅଜ୍ଞାତରେ ନୀତିନିୟମ କେଉଁଠି ଗୋଟେ କକ୍ଷଚ୍ୟୁତ ହୋଇଛି । ସର୍ବୋଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ପ୍ରଧାନମନ୍ତ୍ରୀଙ୍କ ରାଜ୍ୟ ସୋମନାଥ ଓ ଦ୍ୱାରିକା ଭ୍ରମଣ ଯିବା ଅବସରରେ ଗୈରିକ ପୋଷାକ ପରିଧାନ ଓ ରାମ ମନ୍ଦିର ଭବ୍ୟପ୍ରତିଷ୍ଠାର ସପ୍ତାହ ଆଗରୁ ମୁଖ୍ୟ ବିଚାରପତିଙ୍କ ଅଯୋଧ୍ୟା ଗସ୍ତକୁ ଅନେକ ଭୃକୁଞ୍ଚନ କରିଥିଲେ । ବହୁବିଧ ତଥା ଧର୍ମନିରପେକ୍ଷ ଗଣତନ୍ତ୍ରରେ ବିଚାରପତିଙ୍କ ପାଇଁ କଡା ବ୍ୟବହାରିକ ନୀତି (କୋଡ଼ ଅଫ କଣ୍ଡକ୍ଟ) ବିଷୟରେ ଲେଖିଥିଲେ ଆଶିଷ ଗୋଏଲ । ଅପରାଧିକ ମାମଲାରେ ବିନା ୱାରେଣ୍ଟରେ ଗିରଫଦାରୀ, ଧାରା ୧୫୧କୁ ନେଇ ଅଧିକ ଉତ୍ସାହିତ ହେଉଥିବା ପୋଲିସକୁ ଏଣିକି ଠୋସ ପ୍ରମାଣ ଦେଖେଇବାକୁ ପଡିବ ଗିରଫଦାରୀ ପୂର୍ବରୁ । କେରଳ ଉଚ୍ଚ ନ୍ୟାୟାଳୟର ଜଣିକିଆ ଖଣ୍ଡପୀଠ ଜଷ୍ଟିସ ବେଚୁ କୁରିଆନ ଥୋମାସ ୪-୪-୨୦୨୩ରେ ଯେଉଁ ରାୟ ଶୁଣାଇଲେ ତାହା ଦେଶର ଜନସାଧାରଣଙ୍କ ନିଶ୍ଚିତ ପ୍ରାପ୍ୟ । ପୋଲିସର ମନମାନୀ ଯୋଗୁ ସାମ୍ବିଧାନର ଧାରା-୨୧, ସୋମନାଥ ମନ୍ଦିର ଲୁଣ୍ଠନ ଭଳି ବହୁବାର ଲୁଣ୍ଠିତ ହୋଇଛି। ଅପରାଧିକ ମାମଲା କରି କାହାରିକୁ ବିନା ପ୍ରମାଣରେ ଗିରଫଦାରୀ ସରକାରଙ୍କୁ ଉତ୍ସାହିତ କରୁଥିଲା । ଭାରତୀୟ ବିଚାରଧାରାର ମଧ୍ୟ ଗୋଟେ ବୈଚାରିକ ବିବେକ (ଜୁଡ଼ିସିଆଲ କନସାଇନ୍ସ) ଅଛି ଏଥିରୁ ପ୍ରତିପାଦନ ହେଲା । କ୍ଷମତାରେ ଥାଇ ଇରାକର ସଦାମ ହୁସେନଙ୍କ ଭଳି ଖଣି-ଖାଦାନ କି ଖେଳ ପଡିଆକୁ ନିଜ ନାମରେ ନାମିତ କରୁଥିବା ଗଣ ସ୍ୱେଚ୍ଛାଚାରୀଙ୍କୁ ସଂଘୀୟ ସଂହିତା ପଢେଇ ପାରିବେ ନ୍ୟାୟାଳୟ । ଗଣତନ୍ତ୍ରର ମନ୍ଦିରକୁ ନିର୍ବାଚିତ ଆଇନ ପ୍ରଣେତାଙ୍କ ମଧ୍ୟରେ ଅଧିକାଂଶ ଦାଗୀଙ୍କ ପ୍ରବେଶକୁ ରୋକ ଲଗାଇ ମାର୍ଗଦର୍ଶକ ହୋଇପାରିବେ ସର୍ବୋଚ୍ଚ ନ୍ୟାୟାଳୟ ।

ସମ୍ବିଧାନର ଧାରା-୩୨୪, ଖଣ୍ଡ-୫ ଅନୁସାରେ ସି.ଇ.ସି.(କେନ୍ଦ୍ର ନିର୍ବାଚନ ଅଧିକାରୀ)ଙ୍କ ଅନୁମୋଦନ କ୍ରମେ ରାଷ୍ଟ୍ରପତି ଇ.ସି.(ରାଜ୍ୟରେ ଥିବା ନିର୍ବାଚନ ଅଧିକାରୀ)ଙ୍କୁ ହଟାଇ ଦେଇପାରିବେ । ସି.ଇ.ସି.ଙ୍କ ବହିଷ୍କାର ବେଳକୁ ଅପାରଗତାର ପ୍ରମାଣ, ସୁପ୍ରିମକୋର୍ଟ ଜଜଙ୍କ ଭଳି ସଂସଦରେ ୩ଭାଗରୁ ୨ଭାଗ ସଦସ୍ୟଙ୍କ ସହମତି ଆଉ ରାଷ୍ଟ୍ରପତିଙ୍କ ଅନୁମୋଦନ ଏମିତି କେତେକଥା । ଜଷ୍ଟିସ କେ.ଏମ. ଜୋସେଫଙ୍କ ପାଞ୍ଚ ଜଣିଆ କମିଟିର ମତ -ଭାରତ ନିର୍ବାଚନ ଆୟୋଗଙ୍କୁ ଏକଜକ୍ୟୁଟିଭ ଠାରୁ ଅଲଗା କରିବା ଦେଶପାଇଁ ମହୌଷଧି ହୋଇନପାରେ । ଇ.ସି.ଆଇ.ଙ୍କ ଭଳି ଇ.ସି.ମାନଙ୍କ ପଦବୀ ସ୍ଥାୟୀ ନହେଲେ ସେମାନେ ଭୟରହିତ କି ନିରପେକ୍ଷ କିଭଳି ହେବେ ? ଦେଶରେ ଆଞ୍ଚଳିକ ଦଳମାନେ ସଂସଦୀୟ ନିର୍ବାଚନରେ ଭଲ ପ୍ରଦର୍ଶନ କରୁଥିବା ଓ ମୁଖ୍ୟ ବିରୋଧୀଦଳ ଗୌଣ ପ୍ରତିନିଧିତ୍ୱରେ ଥିବାବେଳେ ଭାରତ ନିର୍ବାଚନ ଆୟୋଗ(ଇସିଆଇ)ରେ ପ୍ରଧାନମନ୍ତ୍ରୀ, ମୁଖ୍ୟ ବିଚାରପତି ଓ ପ୍ରମୁଖ ବିରୋଧୀଦଳ ନେତା କେବଳ ସଦସ୍ୟ ରହି ଦେଶର ନିର୍ବାଚନକୁ ନିରପେକ୍ଷ କେମିତି କରିପାରିବେ ? ଆମେରିକା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଚତୁର୍ଥ ବିଚାରପତି ଜନ ମାର୍ଶାଲ (୧୮୦୧-୧୮୩୫), ମାର୍ବୁରୀ-ଭର୍ସସ-ମାଡିସନ(୧୮୦୩) କେଶରେ କଂଗ୍ରେସରେ ପାରିତ ଆଇନକୁ ସର୍ବୋଚ୍ଚ ନ୍ୟାୟାଳୟ ଅସିଦ୍ଧ ଘୋଷଣା କରିଦେଇପାରିବେ ବୋଲି ରାୟ ଶୁଣେଇଦେଲେ । ଆଇନ ପ୍ରଣେତାଙ୍କ ଅନ୍ଧ ଅଭିନୟରେ ସିଧା ହସ୍ତକ୍ଷେପ ନକରି ବିଚାର ବିଭାଗ ମାର୍ଗ ଦେଖେଇବାରେ ଅସୁବିଧା ନାହିଁ । ନିଜସ୍ୱ ପାଣ୍ଠି ବ୍ୟବସ୍ଥା ନଥିବା ଓ ନିୟମିତ କାର୍ଯ୍ୟପନ୍ଥା(ଅପରାଧିକ ଅନୁସନ୍ଧାନ) ଅଗ୍ରସର ସମ୍ପର୍କରେ ସରକାରଙ୍କୁ ଅବଗତ କରିବା ହେତୁ ନିରପେକ୍ଷ ହବାରେ ଅସୁବିଧା ରହିବ ବୋଲି ୨୦୧୩ରୁ ମୁଖ୍ୟନ୍ୟାୟାଳୟଙ୍କୁ ସିବିଆଇ ନିର୍ଦ୍ଦେଶକ ଜଣେଇ ସାରିଛନ୍ତି । ୨୦୧୮ ମସିହା, ଗୃହ ବିଭାଗର କିଛି ନିରାପତ୍ତା ଅଧିକାରୀଙ୍କ ନିଯୁକ୍ତି ଦସ୍ତାବିଜ ମାଗିବା ମହଙ୍ଗା ପଡିଲା ସି.ବି.ଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ, ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନରେ ଛୁଟିରେ ଯିବାକୁ ବାଧ କରାଗଲା । ଆଜିଯାଏ ନିଜ ପ୍ରାପ୍ୟ ପାଇବାକୁ କୋର୍ଟ ଦୌଡ଼ିଛନ୍ତି । ଏବେ ସରକାର ୯୫ ପ୍ରତିଶତ ମାମଲାରେ ବିରୋଧୀ ଦଳଙ୍କୁ ସିବିଆଇ ଲଗେଇ ସର୍ବକାଳୀନ ଉଦାହରଣ ସୃଷ୍ଟି କରିଥିବା ବେଳେ ପ୍ରଧାନମନ୍ତ୍ରୀ ସିବିଆଇକୁ ନିର୍ଭୟ ହୋଇ କାମ କରିବାକୁ ଆହ୍ୱାନ ଦବା ଯୁକ୍ତିସଂଗତ କି ? ସ୍ୱତନ୍ତ୍ର କ୍ଷମତା ବଳରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଯେଭଳି ସିବିଆଇ ଅନୁସନ୍ଧାନ ନିର୍ଦ୍ଦେଶ ଦେଇପାରନ୍ତି ସେଭଳି ବିରୋଧୀ ଦଳଙ୍କ ଦାବି ମୁତାବକ ରାଫେଲ, ଆଦାନୀ ଓ କୋଇଲା ଆବଣ୍ଟନ ଦୁର୍ନୀତିରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇ ଗଣତନ୍ତ୍ରର ମାର୍ଗଦର୍ଶକ ହେଲେ ବିଚାର ବିଭାଗ ପ୍ରତି ଜନ ବିଶ୍ୱାସ ଅଧିକ ଦୃଢ଼ୀଭୂତ ହୁଅନ୍ତା ।

# ସାରସ୍ୱତ ସାଧକ ଗୋଦାବରୀଶ ମହାପାତ୍ର



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଆଧୁନିକ ଓଡ଼ିଆ ସାହିତ୍ୟର ଯେଉଁ କେତେଜଣ ଯଶସ୍ୱୀ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଏଇ ଉତ୍କଳ ଭୂମିରେ ଜନ୍ମ ଲାଭ କରି ଏ ମାଟିକୁ ଧନ୍ୟ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର ଜଣେ ସାରସ୍ୱତ ବ୍ୟକ୍ତିତ୍ୱ। ସାରସ୍ୱତ ସାଧନା କ୍ଷେତ୍ରରେ ସୁଯୋଗ୍ୟ ବିନ୍ଧାଣି। ନିତିଦିନିଆ ଜୀବନରେ ଯେଉଁ ସାମାଜିକ ଏବଂ ଜାତୀୟ ସମସ୍ୟାର ସମ୍ମୁଖୀନ ହୋଇ ନିଜର ଚ଼ିନ୍ତନ ଓ ଅନୁଭୂତିରୁ ସୃଷ୍ଟି କରିଯାଇଥିବା କାଳଜୟୀ ଲେଖାସମୂହ ଆଜି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛି, ସେହି ଅନନ୍ୟ ପ୍ରତିଭା ହେଉଛନ୍ତି ଗୋଦାବରୀଶ ମହାପାତ୍ର। ଏକାଧାରାରେ ସେ ଥିଲେ ଶିଶୁ ସାହିତ୍ୟିକ, କବି, ପ୍ରାବନ୍ଧିକ, ଔପନ୍ୟାସିକ, ସମାଲୋଚ଼କ, ସମାଜସେବକ ତଥା ବ୍ୟଙ୍ଗ ରଚ଼ନାକାର। ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର କୃତି ଥିଲା ସ୍ୱତନ୍ତ୍ର ଏବଂ ଅନବଦ୍ୟ ସର୍ଜନା ସର୍ବବାଦୀ ସମ୍ମତ।

ଏହି ପ୍ରତିଭାଦୀପ୍ତ ସାହିତ୍ୟିକଙ୍କର ଜନ୍ମ ହୋଇଥିଲା ୧୮୯୮ ମସିହା ଅକ୍ଟୋବର ୧ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ କୁମାରଙ୍ଗ ଗ୍ରାମରେ। ତାଙ୍କର ବାଲ୍ୟଜୀବନର ଶିକ୍ଷା ଆରମ୍ଭ ହୋଇଥିଲା ଅବଧାନଙ୍କ ଠାରୁ। ପରେ ତାଙ୍କ ଗ୍ରାମକୁ ଆସିଥିଲେ ଜଣେ ଶିକ୍ଷକ ଏବଂ ଏହି ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଦାବରୀଶଙ୍କ ଜୀବନରେ ବହୁ ପରିବର୍ତ୍ତନ ଘଟିଥିଲା, ଯାହା ଏ ସମାଜରେ ଜଣେ ସଫଳ ମଣିଷ ଭାବରେ ଛିଡ଼ାହେବାର ସମସ୍ତ ଖୋରାକ ହାସଲ କରିବାରେ ସହାୟକ ହୋଇଥିଲା। ଚାଟଶାଳୀ ପାଠ ପରେ ତାଙ୍କ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଖୋଲିବାରୁ ଗୋଦାବରୀଶ ସେହି ବିଦ୍ୟାଳୟରେ ପାଠ ପଢ଼ିବା ଆରମ୍ଭ କଲେ। ବାଲ୍ୟ ଜୀବନରେ ହିଁ ଫୁଟି ଉଠିଥିଲା ତାଙ୍କ ପ୍ରତିଭାର ସ୍ୱର ଏବଂ ସେ ଅନେକ କବିତା ଏହି ସମୟରେ ହିଁ ଲେଖିଥିଲେ।

୧୯୧୩ ମସିହା ପରେ ବାଣପୁର ପ୍ରାଥମିକ ବିଦ୍ୟାଳୟ ମାଇନର ସ୍କୁଲରେ ପରିଣତ ହେବା ପରେ ସେଠାରେ ଗୋଦାବରୀଶ ଅଧ୍ୟୟନ କଲେ। ଏହି ବିଦ୍ୟାଳୟରେ ଗଠିତ ପାଠାଗାର ବାଳକ ଗୋଦାବରୀଶଙ୍କ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେଲା, ଯଦ୍ୱାରା ସେ ଅନେକ କବିତା ଲେଖିବା ପାଇଁ ମନ ବଳାଇଲେ। ଷଷ୍ଠ ଶ୍ରେଣୀର ଛାତ୍ର ଭାବରେ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ ତାଙ୍କ ଜୀବନର ପ୍ରଥମ କାବ୍ୟ 'ବାଣପୁର' ଲେଖି । ଏହି କବିତା ଏତେ ଭାବଗର୍ଭକ ଏବଂ ଚ଼ିତ୍ତ ଆର୍କଷକ ଥିଲା ଯେ ତତ୍କାଳୀନ 'ମୁକୁର' ପତ୍ରିକାର ସଂପାଦକ ବ୍ରଜସୁନ୍ଦର ଦାସ ଏହି କବିତା ଟିକୁ 'ମୁକୁର' ରେ ସ୍ଥାନିତ କରିବା ସହ 'ମୁକୁର ପ୍ରେସ'ରେ ପୁସ୍ତକ ଆକାରରେ ଛପାଇଥିଲେ। ଏହି କବିତାର କିଛି ପଂକ୍ତି-

'ନିଃସର୍ଗ ମାଧୁରୀ ଲଳିତ ପ୍ରକୃତି
ସୃଷ୍ଟି ଆଦି ଦିନୁ ବିଶ୍ୱେ ଯା'ର ସ୍ଥିତି।
ଆହା ବାଣପୁର ମୋ' ପ୍ରିୟ ଜନନୀ
ତୋ' ରୂପ ଛଟା କି ବର୍ଣ୍ଣିବ ପୁଣି
ଯହିଁ ଚାହେଁ ଶତ ଶୋଭାର ଭଣ୍ଡାର
ବିଲ, ବଣ, ପଦା, ଶଇଳ, କେଦାର
ଗୋଟିଏ ଗୋଟିକି ବଳି ଶୋଭାବନ
କାନନୁ ଭୂଧର ଭୂଧରୁ କାନନ।'

କଥାରେ ଅଛି, ପ୍ରତି କାବ୍ୟର ସୃଷ୍ଟି ମୂଳରେ ଏକ ଅଚିନ୍ତ୍ୟ ଶକ୍ତି ନିହିତ ଥାଏ ଏବଂ ଏହି ଶକ୍ତିର ଅଧିକାରୀ ହେଉଛି କବି। କବିର ଅନ୍ୟନାମ ସ୍ରଷ୍ଟା। ଏହି ସ୍ରଷ୍ଟା ଗୋଦାବରୀଶ ମହାପାତ୍ର, ଏଇ ଅଚିନ୍ତ୍ୟ ଶକ୍ତିର ପ୍ରଭାବରେ ପାଲଟିଥିଲେ ଏମିତି ଜଣେ କବି, ଯାହାଙ୍କ ସୃଷ୍ଟ ମାନସ ସନ୍ତାନ ମାନଙ୍କୁ ନେଇ ଓଡ଼ିଶା ସାହିତ୍ୟ ଭଣ୍ଡାର ଋଦ୍ଧିମନ୍ତ ଆଉ ଆମର ଓଡ଼ିଆ ସାହିତ୍ୟିକମାନେ ତାଙ୍କୁ ନେଇ ଗର୍ବ କରୁ ତାଙ୍କର ଅବର୍ତ୍ତମାନରେ ମଧ୍ୟ। ତାଙ୍କ ଜନ୍ମସ୍ଥାନରେ ସ୍ଥାପିତ ପାଠାଗାର 'କୁମାର ପାଠାଗାର' ଏବେ ବି ଠିଆ ହୋଇଛି ଗର୍ବରେ ଛାତି ଫୁଲେଇ ଓଡ଼ିଶାର ଉନ୍ନତ ପାଠାଗାର ଭାବରେ। ଏହି ପାଠାଗାର ହିଁ ଥିଲା ଗୋଦାବରୀଶଙ୍କ ଚିନ୍ତା ଓ ଚେତନାର ଅଭିବୃଦ୍ଧିର ସହାୟକ। ଗୋଦାବରୀଶ ୧୯୧୫ ମସିହାରେ ମାଇନର ପାସ୍ ପରେ ସତ୍ୟବାଦୀ ବନ ବିଦ୍ୟାଳୟରେ ନାମ ଲେଖାଇଲେ। ଏହି ବିଦ୍ୟାଳୟରେ ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ପଣ୍ଡିତ ବାସୁଦେବ ମହାପାତ୍ର ଏବଂ ଆଚ଼ାର୍ଯ୍ୟ ହରିହରଙ୍କ ଭଳି ନାମକରା ଆଦର୍ଶ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ କବି ଗୋଦାବରୀଶ ମହାପାତ୍ରଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା।

ଗୋଦାବରୀଶଙ୍କ ଦ୍ୱାରା ରଚିତ 'କଣ୍ଟା ଓ ଫୁଲ' ଏବଂ 'ଉଠ କଙ୍କାଳ' କବିତା ପୁସ୍ତକ ପାଇଁ ସେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ଶିଶୁ ସାହିତ୍ୟ 'ମୋ ଖେଳ ସାଥି' ଓ 'ବଙ୍କା ଓ ସିଧା' ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ।

ଓଡ଼ିଆ ଭାଷାର ଉନ୍ନତି ପାଇଁ ଲଢୁଥିବା ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତିଙ୍କ ସହ ଗୋଦାବରୀଶ ସାକ୍ଷାତ କଲେ ଏବଂ ତାଙ୍କ ପ୍ରେରଣାରେ ବ୍ରହ୍ମପୁରରୁ ତାଙ୍କ ପ୍ରକାଶିତ 'ହିତୈଷିଣୀ' ପତ୍ରିକାରେ କାମ କଲେ। ଏମିତି ପ୍ରାୟ କେତେକ ପତ୍ରିକାରେ ସେ କାମ କରିଥିଲେ। ତେଣୁ ବହୁଦିନର ଅଭିଜ୍ଞତାକୁ ନେଇ ସାମ୍ବାଦିକ ଭାବରେ କାମ କରିବାକୁ ମନ ବଳାଇଲେ। ଦୀର୍ଘ ୨୭ ବର୍ଷ ଧରି ତାଙ୍କ ଦ୍ୱାରା ସମ୍ପାଦିତ 'ନିଆଁଖୁଣ୍ଟା' ପତ୍ରିକା ଥିଲା ସମାଜର ଜାଗ୍ରତ ପ୍ରହରୀ ତଥା ଦୁର୍ନୀତି ଓ ଅବିଚାର ବିରୋଧରେ ସ୍ୱର। ଏଥିରେ ବ୍ୟଙ୍ଗ ଛବି, ସମାଲୋଚନା ଏବଂ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସ୍ଥାନିତ ହେଉଥିଲା। ଆଜି ପର୍ଯ୍ୟନ୍ତ 'ନିଆଁଖୁଣ୍ଟା'ର ସ୍ଥାନ ଅନ୍ୟ କୌଣସି ପତ୍ରିକା ନେଇପାରିନାହାନ୍ତି। ୧୯୩୮ ମସିହା ମାର୍ଚ୍ଚ ୧୨ ତାରିଖରେ ତାଙ୍କ ଦ୍ୱାରା ପ୍ରକାଶିତ 'ନିଆଖୁଣ୍ଟା' ପତ୍ରିକା ତାଙ୍କୁ ଏକ ବିଶାଳ ଜାତିୟବାଦୀ ଅନୁଷ୍ଠାନରେ ପରିଣତ କରିଦେଲା।

" ଓଡ଼ିଆ ସାହିତ୍ୟରେ ହାସ୍ୟ ଏବଂ ବ୍ୟଙ୍ଗର ଏକ ସମୃଦ୍ଧ ପରମ୍ପରା ରହିଛି। କିନ୍ତୁ ସମାଜର ତୃଣମୂଳ ସ୍ତରରେ ରମ୍ୟ, ବ୍ୟଙ୍ଗ ଏବଂ ହାସ୍ୟକୁ ପହଞ୍ଚାଇବାରେ ଗୋଦାବରୀଶ ମହାପାତ୍ରଙ୍କ ସବୁଠୁ ଅଧିକ ଅବଦାନ ରହିଛି। ଗୋଦାବରୀଶ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ। ବାଲ୍ୟକାଳରୁ ସେ ସତ୍ୟବାଦୀ ବନ ବିଦ୍ୟାଳୟ ସହ ସମ୍ପୃକ୍ତ ଥିଲେ। ଏହି ବିଦ୍ୟାଳୟ ତାଙ୍କ ଜୀବନ ଦର୍ଶନକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥିଲା"। ସେ ଓଡ଼ିଆ ସାହିତ୍ୟ ଆକାଶରେ ନିଜକୁ ଏକ ଉଜ୍ଜ୍ୱଳତମ ନକ୍ଷତ୍ର ଭାବେ ପ୍ରତିଷ୍ଠା କରିପାରିଥିଲେ। ସେ ଅନେକ ଗପ, ଉପନ୍ୟାସ, କବିତା ଆଦି ଲେଖିଛନ୍ତି। ଗୋଦାବରୀଶ ମହାପାତ୍ରଙ୍କ ରଚ଼ିତ ଉଠ କଙ୍କାଳ କବିତା ସମସ୍ତଙ୍କୁ ପ୍ରଭାବିତ କରିପାରିଛି। ସେହି କବିତାର କିଛି ପଂକ୍ତି-

**ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ**
**ଦୁଆରେ ବସି,**
**ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ**
**ପୁରବାସୀ !**
**ପୃଥ୍ୱୀ ବିଦାରି ବାରବାଟୀ ମଡ଼ା ଉଠ**
**ଉଠ ଚଞ୍ଚଳ,**
**ଖୋରଧାର ଶତ ସରଦାର ଶିର**
**କର ଉନ୍ନତତର !**
**ଉଠ କଙ୍କାଳ, ଛିଣ୍ଡୁ ଶୃଙ୍ଖଳ, ଜାଗ**
**ଦୁର୍ବଳ ଆଜି,**
**ଉଠୁ ଗତ ଗୌରବ, ହୃତ ଗୌରବ,**
**ମୃତ ଗୌରବ।**

ଏହି ସାରସ୍ୱତ ସାଧକ ୨୫ ନଭେମ୍ବର ୧୯୬୫ ମସିହାରେ ଦୁନିଆ ଛାଡ଼ି ଚ଼ାଲିଯାଇଥିଲେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚୀର୍ନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

# ବାର ମାହାତ୍ମ୍ୟ



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ.
ପିନ -୭୬୨୦୧୪
ମୋ.୯୪୩୭୪୭୮୪୬୬

ସପ୍ତାହକୁ ସାତ ବାର ସାତ ନାଆଁ । ତେବେ ସବୁ ବାରର ରହିଛି ଗୋଟେ ଗୋଟେ ସୁନ୍ଦର ନାଆଁ । ସପ୍ତାହର ପ୍ରଥମ ବାର ରବିବାର । ଆମ ଦେଶରେ ରବିବାର ହେଉଛି ସାପ୍ତାହିକ ଛୁଟିଦିନ । ସବୁ ରବିବାର ହୁଏ ଛୁଟି ଓ ସ୍କୁଲ କଲେଜ ଦପ୍ତରସବୁ ଛୁଟି ପାଇଁ ବନ୍ଦ ରହେ। ରବିବାର ନାଆଁରୁ ଜଣାଯାଏ ଏହା ରବି ବା ସୂର୍ଯ୍ୟଙ୍କ ନାଆଁରେ ନାମିତ ହୋଇଛି। ସୂର୍ଯ୍ୟଙ୍କ ବାର ହେଉଛି ରବିବାର ଓ ସୋମ ବା ଚନ୍ଦ୍ରଙ୍କ ନାଆଁରେ ସୋମବାରର ଖ୍ୟାତି। ମଙ୍ଗଳ ଗ୍ରହ ପାଇଁ ମଙ୍ଗଳବାର, ବୁଧ ଗ୍ରହ ସହ ଯୋଡ଼ି ହୋଇଛି ବୁଧବାରର ନାଆଁ । ଦେବଗୁରୁ ବୃହସ୍ପତିଙ୍କ ନାଆଁରେ ବୃହସ୍ପତି ବାର ବା ଗୁରୁବାର ଜଣା । ଶୁକ୍ରଗ୍ରହ ସହିତ ଶୁକ୍ରବାର ଓ ଶନି ଗ୍ରହ ସହ ଶନିବାର ଜଡ଼ିତ । ଏ ସବୁ ବାରର ମାହାତ୍ମ୍ୟ ସେମିତି ରହିଛି ଓ ବାର ନେଇ ପୂଜା ପଦ୍ଧତି, ଫୁଲର ଆଦୃତି, ପୁଣି ରହିଥାଏ ବିଭିନ୍ନ ବାର ବାରଣ ରୀତିନୀତି ଯେମିତି କେଉଁ ଦିନ କଣ କରଣୀୟ, କେଉଁ ଖାଦ୍ୟ ଗ୍ରହଣୀୟ, ଏମିତି କିଛି କଟକଣା ମାନନା ଘେନା। ଚୁଟି କେଉଁ ଦିନ କାଟିବେ, କେଉଁ ଦିନ ଆମିଷ ଖାଇବେ ନାହିଁ, ଖଟା କେଉଁ ଦିନ ମନା ଥାଏ ଖାଇବା ପାଇଁ ଇତ୍ୟାଦି ଇତ୍ୟାଦି ବାରଣର ମାନନା ବି କାହା କାହା ପାଇଁ ହୋଇଥାଏ ପାଳନୀୟ । କିଏ ଯେ ପାଳନ୍ତି ନାହିଁ କି କୌଣସି ବାରଣ ମାନି ନ ଥାନ୍ତି ।

ଏଇ ସବୁ ସାତ ବାରର ପ୍ରଚଳନ କେବେଠୁ ଆମ ଦେଶରେ ହୋଇଆସିଛି । ବାର ବିଶେଷତା ବି ରହିଥାଏ କାହା କାହା ପାଇଁ । କିଏ ବାର ବାରଣ ମାନେ ତ କିଏ ଯେ ବାର ନେଇ ବିଭିନ୍ନ ପୂଜା ପଦ୍ଧତିର ଆଶ୍ରୟ ନିଅନ୍ତି। ଦିଅଁ ଦର୍ଶନ କରନ୍ତି ଓ ନିର୍ଦ୍ଦିଷ୍ଟ ଖାଦ୍ୟାଭ୍ୟାସରେ ରହନ୍ତି । କିଏ କେବେ ଉପବାସରେ ରହିପାରନ୍ତି ଓ ବିଭିନ୍ନ ରଙ୍ଗର ପୋଷାକ ପିନ୍ଧନ୍ତି। ବିଭିନ୍ନ ରଙ୍ଗର ଫୁଲ ପସନ୍ଦ କରନ୍ତି । କାହା ବିଚାରରେ କେଉଁ ବାର ଅତ୍ୟନ୍ତ ଶୁଭ ଲାଭଦାୟକ ହୋଇଥାଏ । ପ୍ରତ୍ୟେକ ଶୁଭ କାମର ଅନୁକୂଳ ସେଇ ବାରରେ କରନ୍ତି। ସେଇଦିନ ବିଦେଶ ମାନେ ଅନ୍ୟତ୍ର ଯାତ୍ରା ବା ଗମନ କରନ୍ତି । ଅତଏବ ବାର ବିଚାର ଉଣା ଅଧିକ ଅନେକଙ୍କ ରହିଥାଏ । ଅନ୍ୟ ପ୍ରକାରେ କହିଲେ ଅନେକଙ୍କ ପ୍ରିୟ ବାର ଥାଏ। ସେଇ ବାର ତାଙ୍କ ପାଇଁ ଯେମିତି ପରିଗଣିତ ହୁଏ ଶୁଭ ବାର । ସପ୍ତାହର ସାତ ବାରଯାକ ନିର୍ଦ୍ଦିଷ୍ଟ ବାର ନେଇ ସେମିତି ହାଟ ବସେ ଏଠି ସେଠି। କେଉଁଠି ବେଳକିଆ ହାଟ ବସେ ତ କେଉଁଠି ଯେ ପୂରା ଗୋଟା ଦିନ ହାଟ ବସେ । ବେଳକିଆ ହାଟ କେଉଁଠି ସକାଳବେଳିଆ ବସେ ତ କେଉଁଠି ଯେ ବସିଥାଏ ହାଟ ଉପରବେଳିଆ । ଗୋଟେ ଗୋଟେ ଜାଗାରେ ସପ୍ତାହକୁ ଦୁଇ ଦିନ ହାଟ ବସେ । ଏବେ ବି ନୂଆ ହାଟ ବସିବା ଧାରା ଥମିଯାଇ ନାହିଁ । ବସୁଛି ନୂଆ ହାଟ ଲୋକଙ୍କ ସୁବିଧା ନେଇ । ନୂଆ ବସୁ ବସୁ ସେଇ ହାଟ ନିୟମିତ ହୋଇଯାଏ ଭଲ ବିକାକିଣା ହେଲେ । ଲୋକଙ୍କ ଗହଳଚହଳ ଭଲ ରହିଲେ, ରାସ୍ତାକଡ଼ର ହାଟରେ ବେପାର ଭଲ ହୁଏ ଓ ହାଟର ଚାହିଦା ଯିବାଆସିବା ଲୋକଙ୍କ ନିକଟରେ କାଇଁରେ କଣ ରହେ । ପୁଣି ମାସ ନେଇ ବିଭିନ୍ନ ବାରର ଗୁରୁତ୍ୱ ସେମିତି ସ୍ୱୀକୃତ ହୋଇଥାଏ ଆମ ଚଳମାନ ସମାଜରେ ଓ ଭାଦ୍ରବ ରବିବାରରେ ଖୁଦୁରୁକୁଣୀ ଓଷା ପାଳନ କରନ୍ତି କୁଆଁରୀ ଝିଅମାନେ। ଶ୍ରାବଣ ମାସର ପ୍ରତ୍ୟେକ ସୋମବାରରେ କଅଉଡ଼ିଆ ଭଗବାନ ଶିବଙ୍କଠି ଜଳଲାଗି କରିଥାନ୍ତି । ମାସ ଶ୍ରେଷ୍ଠ କାର୍ତ୍ତିକ ସୋମବାରକୁ ସେମିତି ଶ୍ରଦ୍ଧାଳୁ ଦିଅଁ ଦର୍ଶନ କରନ୍ତି ଓ ଧର୍ମ କର୍ମରେ ରହନ୍ତି । ଦାନ ଦିଅନ୍ତି ପୁଣ୍ୟ ଅର୍ଜନ ପାଇଁ । ଆଶ୍ୱିନ ଓ ଚୈତ୍ର ମଙ୍ଗଳବାରରେ ମାଆ ମଙ୍ଗଳାଙ୍କ ପୂଜାର୍ଚ୍ଚନା କରାଯାଏ ଓ ବୁଧବାରକୁ ହୁଏ ବୁଧେଇ ଓଷା । ମାର୍ଗଶିର ମାସରେ ମାଣ ବସାଯାଏ ଗୁରୁବାରେ ମାଆ ଲକ୍ଷ୍ମୀଙ୍କ ପୂଜା କରାଯାଇ । ସବୁ ଶୁକ୍ରବାରକୁ ସନ୍ତୋଷୀ ମାଆ ପୂଜା କରନ୍ତି ସ୍ତ୍ରୀ ଲୋକମାନେ । ସବୁ ଶନିବାରକୁ ଶନିଦେବଙ୍କ ପୂଜା କରାଯାଇଥାଏ । ମହାରାଷ୍ଟ୍ର ସିରିଡ଼ି ନିକଟସ୍ଥ ଶନିସିଗ୍ନାପୁରଠାରେ ଶନି ଦେବତାଙ୍କ ପ୍ରସିଦ୍ଧ ମନ୍ଦିର ରହିଛି ଯେଉଁଠି ଶନି ଦେବତା ଖୋଲା ସ୍ଥାନରେ ପୂଜା ପାଆନ୍ତି ।

ଦେଖାଯାଏ, ଯିଏ ଦିନ ମାନନ୍ତି ସେଇ ନିର୍ଦ୍ଦିଷ୍ଟ ଦିନ ପାଇଁ ସିଏ ବିବିଧ ବାରଣରେ ରହନ୍ତି । ମାନନା ଘେନାରେ ରହନ୍ତି ଓ କିଛି ବିଧିବିଧାନ ମାନନ୍ତି ଓ ଯେମିତି ସେଇ ଦିନ ଦିଅଁ ଦର୍ଶନରେ ଯାଆନ୍ତି । ଆମିଷ ଖାଆନ୍ତି ନାହିଁ । ଅନ୍ୟ ଦିନ ପାଇଁ ସେଇ ବାରଣ କଟକଣା ରହେନି । ଥରେ ବନ୍ଧୁ ମେଳ ହୋଇ କେତେ ଜଣ ଭୋଜି କରୁଥିଲେ । ହଠାତ ସୋମବାର ସଞ୍ଜ ବେଳେ ଖିଆଲି ମନରେ ଭୋଜି କରିବା ନିଷ୍ପତ୍ତି ନେଇ ଭୋଜି କାମରେ ଆଗେଇ ଗଲେ । ଜଣେ ବନ୍ଧୁଙ୍କୁ ତହିଁରେ ସାମିଲ କଲେ ଯିଏ କି ସୋମବାରିଆ ବାରଣରେ ଥିଲେ । ସିଏ ମାଂସ ଖାଇପାରିବେନି ସୋମବାର ସନ୍ଧ୍ୟା ବେଳର ଭୋଜିରେ । କିଏ ଜଣେ ବୁଦ୍ଧି ବାହାର କରି କହିଲେ ରାତି ବାରକୁ ଅପେକ୍ଷା କରିବା ଓ ରାତି ବାରଟା ପାରି ହେଲେ ସୋମବାର ନ ଥିବ । ଆସିଯାଇଥିବ ମଙ୍ଗଳବାର ତାରିଖ ପରିବର୍ତ୍ତନ ସହିତ ଓ ମଙ୍ଗଳବାରରେ ଆମିଷ ଖାଇଲେ ଅସୁବିଧା ନାହିଁ । 'ସାତ କଥାରେ ସତୀ ଭୁଲେ ' କଥା ଭଳି ବନ୍ଧୁମାନଙ୍କ କଥାରେ ବାର ମାନୁଥିବା ବନ୍ଧୁଜଣକ ଭଳି ଗଲେ। ଆଉ ମାଂସ ଖାଇଥିଲେ ମଙ୍ଗଳବାରରେ ମାଂସ ଖାଉଛନ୍ତି ବିଚାର ରଖି ଓ ବନ୍ଧୁଙ୍କ ସେଇ ବିଚାରକୁ ଦେଖି ଏ ଲେଖକ ଭାବିଥିଲା, ବାଃ ବାଃରେ ବାର ବାରଣ ନୀତି ତତ୍ତ୍ୱ ।

ଟିକେ ବିଚାର କରନ୍ତୁ ତ, କେଉଁ ବାରର ମହତ୍ତ୍ୱ ନାହିଁ ଓ ଗରିମା ନାହିଁ । ସେମିତି ଦେଖିଲେ ସବୁ ବାର ସମାନ । ନାଆଁ ଖାଲି ଅସମାନ ଓ ସେଇ ବାରରେ ଅନେକ ଭଲ କାମ ଏଠି ସେଠି କରାଯାଏ । ହତ୍ୟା, ଧର୍ଷଣ, ଲୁଣ୍ଠନ ବି ହୁଏ । ଭଲ କାମ ହୁଏ । ଖରାପ କାମ ବି ହୁଏ । ସବୁ ଦିନ ଜନ୍ମ ମୃତ୍ୟୁ ସଂଘଟିତ ହୁଏ ଆମ ଅଲକ୍ଷ୍ୟରେ ମଧ୍ୟ । ଜନ୍ମ ଥିଲେ ମୃତ୍ୟୁ ଥାଏ । ସବୁ ସମୟରେ ଜନ୍ମ, ସବୁ ସମୟରେ ମୃତ୍ୟୁ ଘଟିଚାଲିଥିବାରୁ କେଉଁ ବାର ଭଲ, କେଉଁଟା ଖରାପ ଆଖ୍ୟାୟିତ କରିବା ସହଜ ହେବ କି? ବାର ଶୁଭ ଅଶୁଭ ମନେକରି ବାର ମାନିବା, ବାର ପାଳିବା, ବାର ମାନନା ଘେନାରେ ରହିବାର ବୈଧତା କେତେ, ତାହା ବିଜ୍ଞ ଜନେ ବିଚାରିବାର କଥା !

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ସିରିଜ୍‌ରୁ ବାଦ୍ ପଡ଼ିଲେ ଷ୍ଟାର ବୋଲର ଗେରାଲ୍ଡ କୋଏଜି



**ନୂଆଦିଲ୍ଲୀ**

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ବଡ଼ ଝଟ୍‌କା ଲାଗିଛି । ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି ଦଳର ଷ୍ଟାର ଦ୍ରୁତ ବୋଲର ଗେରାଲ୍ଡ କୋଏଜି । କେବଳ ଶ୍ରୀଲଙ୍କା ନୁହେଁ, ଡିସେମ୍ବର ୧୦ରୁ ଜାନୁଆରୀ ୭ ଯାଏ ପାକିସ୍ତାନ ବିପକ୍ଷ ଟି-୨୦, ଦିନିକିଆ ଓ ଟେଷ୍ଟ ସିରିଜ୍‌ରେ ମଧ୍ୟ ସେ ନଜର ଆସିବେ ନାହିଁ ।

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ କୋଏଜି ନଜର ଆସିଥିଲେ । ତେବେ ଏହି ମ୍ୟାଚ୍ ଅଧାରେ ସେ ଜଙ୍ଘ ଜନିତ ସମସ୍ୟାରେ ପଡ଼ିଥିଲେ । ପ୍ରଥମ ଟେଷ୍ଟର ୪ର୍ଥ ଦିନରେ କୋଏଜି ବୋଲିଂ କରୁଥିବା ବେଳେ ଅସହଜ ଅନୁଭବ କରିଥିଲେ । ଏହାପରେ ସେ ପଡ଼ିଆ ବାହାରକୁ ଯାଇଥିଲେ । ପରବର୍ତ୍ତୀ ଅବସ୍ଥାରେ ସ୍କାନ କରାଯାଇଥିଲା । ଏହି ସମୟରେ ଜଣାପଡ଼ିଛି ଯେ ତାଙ୍କ ଡାହାଣ ପଟ ଜଙ୍ଘର ଶୀରାରେ ସମସ୍ୟା ଦେଖାଯାଇଛି । ଏଥିରୁ ମୁକୁଳିବା ପାଇଁ ତାଙ୍କୁ ୪ରୁ ୬ ସପ୍ତାହ ସମୟ ଲାଗିଛି । ଏହାର ଅର୍ଥ ସେ ୬ ସପ୍ତାହ ଯାଏ କ୍ରିକେଟରୁ ଦୂରେଇ ରହିବେ । ଜାନୁଆରୀ ୯ରୁ ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ ଆରମ୍ଭ ହେଉଛି । ଜୋବର୍ଗ ସୁପର କିଙ୍ଗସ ପକ୍ଷରୁ ଖେଳୁଥିବା କୋଏଜି ଏମଆଇ କେପ ଟାଉନ ବିପକ୍ଷ ଜାନୁଆର ୧୧ ମ୍ୟାଚ୍ ମଧ୍ୟ ଖେଳିବେ ନାହିଁ । କୋଏଜି ବାଦ ପଡ଼ିଥିବାରୁ ତାଙ୍କ ସ୍ଥାନରେ ଯୁବ ବୋଲର କ୍ୱେନା ଏଫାକାଙ୍କୁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ସାମିଲ କରାଯାଇଛି । ଡିସେମ୍ବର ୫ରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ । ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗରେ ରହିଛି ।

# ଅଣ୍ଡର ୧୯ ଏସିଆ କପ୍ : ଭାରତର ଏକତରଫା ବିଜୟ

**ୟୁଏଇ**

ୟୁଏଇରେ ଚାଲିଥିବା ଅଣ୍ଡର ୧୯ ଏସିଆ କପ୍‌ରେ ପ୍ରଥମ ବିଜୟ ହାସଲ କରିଛି ଭାରତ । ପ୍ରଥମ ମ୍ୟାଚ୍‌ରେ ଚୀର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଠାରୁ ହାରିଥିବା ଭାରତୀୟ ଟିମ୍ ଅପେକ୍ଷାକୃତ ଦୁର୍ବଳ ଜାପାନକୁ ଏକତରଫା ଭାବେ ହରାଇ ଦେଇଛି ।

୩୪୦ ରନର ବିଶାଳ ଟାର୍ଗେଟକୁ ପିଛା କରୁଥିବା ଜାପାନ ୫୦ ଓଭରରେ ୮ ୱିକେଟ ହରାଇ କେବଳ ୧୨୮ ରନ କରିପାରିଥିଲା । ଭାରତ ଏହି ମ୍ୟାଚକୁ ୨୧୧ ରନରେ ଜିତି ପଏଣ୍ଟ ଟେବୁଲରେ ଖାତା ଖୋଲି ପାରିଛି । ତଥାପି ନିଜ ଗ୍ରୁପ୍‌ରେ ଦଳ ତୃତୀୟ ସ୍ଥାନରେ ରହିଛି । ୨ଟି ମ୍ୟାଚ୍‌ରୁ ଦୁଇଟି ବିଜୟ ସହ ପାକିସ୍ତାନ ୧ ନଂରେ ଥିବା ବେଳେ ୟୁଏଇ ଦ୍ୱିତୀୟ ସ୍ଥାନରେ ଓ ଭାରତ ତୃତୀୟ ସ୍ଥାନରେ ରହିଛି । ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଭାରତ ମୁକାବିଲା ୟୁଏଇ ସହ ହେବ । ଏହି ମ୍ୟାଚର ବିଜେତା ସେମି ଫାଇନାଲକୁ ଯିବ ।




ଜାପାନ ବିପକ୍ଷ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତୀୟ ଟିମ୍ ଅଧିନାୟକ ମହମ୍ମଦ ଅମନଙ୍କ ଅପରାଜିତ ୧୨୨ ରନ, ଆୟୁଷ ମହାତ୍ରେଙ୍କ ୫୪ ଓ କେପି କାର୍ତ୍ତିକେୟଙ୍କ ୫୭ ରନ ବଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୩୯ ରନ କରିଥିଲା । ଆଇପିଏଲରେ ସର୍ବକନିଷ୍ଠ ଖେଳାଳି ଭାବେ ୧.୧୦ କୋଟି ଟଙ୍କାରେ କିଣା ହୋଇଥିବା ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ପୁଣି ସମସ୍ତଙ୍କୁ ନିରାଶ କରିଛନ୍ତି । ସେ ପାକିସ୍ତାନ ବିପକ୍ଷରେ ୧ ରନ କରିଥିବା ବେଳେ ୨୩ ରନ କରି ଆଉଟ ହୋଇଛନ୍ତି । ତଥାପି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୩୩୯ ରନ କରିନେଇଥିଲା । ୩୪୦ ରନର ପିଛା କରୁଥିବା ଦୁର୍ବଳ ଜାପାନ ୫୦ ରନରେ ପ୍ରଥମ ୱିକେଟ ହରାଇଥିଲା । ନିହାର ପାରମର ୧୪ ରନ ଆଉଟ ହୋଇଥିଲେ । ଜାପାନର ଅଧିନାୟକ କୋଜି ଆବେ ଖାତା ଖୋଲି ପାରି ନଥିବା ବେଳେ କାଜୁମା କାଟୋ ଷ୍ଟାଫୋର୍ଡ କେବଳ ୮ ରନ କରିଥିଲେ । ଓପନର ହୁଗୋ କେଲୀ ୫୦ ରନ କରିଥିଲେ ହେଁ ହାର୍ଦ୍ଦିକ ରାଜଙ୍କ ବଲରେ ଷ୍ଟମ୍ପିଂ ହୋଇଯାଇଥିଲେ ।

ଚାର୍ଲସ ହିଞ୍ଜେ ଶେଷ ଯାଏ ଅପରାଜିତ ରହି ୩୫ ରନର ଇନିଂସ ଖେଳିଥିଲା ବେଳେ ତାଙ୍କୁ ଅନ୍ୟମାନେ କେହି ବି ସାଥ୍ ଦେଇ ନଥିଲେ । ଟି. ମୋରେ ୧, ଆଦିତ୍ୟ ଫାଡେକ ୯, କେ. ଲେକ ୧ ଓ ମାକ୍ସ ଲିନ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲେ । ଜାପାନ ସେତେଟା ଆଖି ଦୃଶିଆ ବ୍ୟାଟିଂ କରି ନଥିଲେ ହେଁ ଭାରତୀୟ ବୋଲରମାନେ ଅଲଆଉଟ କରିବାକୁ ସକ୍ଷମ ହୋଇ ନଥିଲେ । ଜାପାନ ପୂରା ୫୦ ଓଭର ବ୍ୟାଟିଂ କରିବା ସହ ୮ ୱିକେଟ ହରାଇ ୧୨୮ ରନ କରିଛି ।

ଭାରତ ପକ୍ଷରୁ ଚେତନ ଶର୍ମା, ହାର୍ଦ୍ଦିକ ରାଜ ଓ କେପି କାର୍ତ୍ତିକେୟ ୨ଟି ଲେଖାଏଁ ୱିକେଟ ନେଇଥିଲା ବେଳେ ଯୁଦ୍ଧଜିତ ଗୁହା ଗୋଟିଏ ସଫଳତା ପାଇଛନ୍ତି । ଗୋଟିଏ ୱିକେଟ ରନ ଆଉଟ୍‌ରୁ ମିଳିଛି ।

# ପାକିସ୍ତାନର ଦାବିକୁ ଅଗ୍ରାହ୍ୟ କଲା ବିସିସିଆଇ




**ନୂଆଦିଲ୍ଲୀ**

ପାକିସ୍ତାନ ହାଇବ୍ରିଡ୍ ମଡେଲ ଉପରେ ସହମତି ହେବା ଏବଂ ତା ପରିବର୍ତ୍ତେ ଦୁଇଟି ସର୍ତ୍ତ ରଖିବା ପରେ ଲାଗୁଥିଲା ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଉପୁଜିଥିବା ଗତିରୋଧ ଦୂର ହୋଇଯିବ । କିନ୍ତୁ ସେମିତି ହେବା ପରି ଲାଗୁନି । ସଦ୍ୟତମ ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଏକ ବଡ଼ ଦାବିକୁ ଅଗ୍ରାହ୍ୟ କରି ଦେଇଛି ବିସିସିଆଇ । ଫଳରେ ପୁଣି ଥରେ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଉପରେ ସସପେନ୍ସ ଲାଗି ରହିଛି । ଚାମ୍ପିଅନ୍ସ ଟ୍ରଫି ମାମଲାରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ଚାହୁଁଥିଲା ଯେ, ହାଇବ୍ରିଡ ମଡେଲ୍ ସ୍ୱୀକାର କରିବା ବଦଳରେ ତା'ର ବି ଫାଇଦା ହେବ ଏବଂ ବିସିସିଆଇ ବି ସନ୍ତୁଷ୍ଟ ହେବ । ପିସିବିର କହିବା କଥା ଭାରତୀୟ ଦଳ ଯଦି ତାଙ୍କ ଦେଶ ଆସିବାକୁ ଚାହୁଁନି ତେବେ ପାକିସ୍ତାନ ମଧ୍ୟ ଆଗାମୀ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ଭାରତ ଯିବ ନାହିଁ ଏବଂ ସେହି କ୍ଷେତ୍ରରେ ବି ହାଇବ୍ରିଡ୍ ମଡେଲ୍ ଲାଗୁ ହେଉ । ସ୍ପଷ୍ଟ ଭାବେ କହିବାକୁ ଗଲେ ପାକିସ୍ତାନ ପକ୍ଷରୁ ଭାରତ-ପାକିସ୍ତାନ ମ୍ୟାଚ୍ ଦୁବାଇରେ ଆୟୋଜନ ନେଇ ଦାବି କରାଯାଇଥିଲା । ଏବେ ସଦ୍ୟତମ ଖବର ଅନୁଯାୟୀ, ବିସିସିଆଇ ଭାରତ ବନାମ ପାକିସ୍ତାନର ଆଗାମୀ ମ୍ୟାଚ୍‌ଗୁଡ଼ିକ ହାଇବ୍ରିଡ ମଡେଲ ଆଧାରରେ ଖେଳାଯିବା ଦାବିକୁ ପ୍ରତ୍ୟାଖ୍ୟାନ କରିଛି । ପିସିବି ଦାବି କରିଥିଲା ଯେ, ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ କୌଣସି ବି ଆଇସିସି ଟୁର୍ଣ୍ଣାମେଣ୍ଟରେ ହେବାକୁ ଥିବା ଭାରତ ବନାମ ପାକିସ୍ତାନ ମ୍ୟାଚ୍‌କୁ ନିରପେକ୍ଷ ସ୍ଥାନରେ ଖେଳାଯାଉ । ଆଉ ନିରପେକ୍ଷ ସ୍ଥାନ ଭାବେ ଦୁବାଇକୁ ଚୟନ କରାଯାଇଥିଲା । ଏହି ଫର୍ମୁଲାକୁ ସବୁଜ ସଙ୍କେତ ମିଳିବା ନେଇ ଆଶା କରାଯାଉଥିଲା । ମାତ୍ର ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ, ବିସିସିଆଇ ପାକିସ୍ତାନର ଏହି ଦାବିକୁ ଅଗ୍ରାହ୍ୟ କରିଛି । ରିପୋର୍ଟ ଅନୁଯାୟୀ, ବିସିସିଆଇ ପ୍ରଥମେ ଏହାକୁ 'ପାର୍ଟନରସିପ' ଫର୍ମୁଲା ଭାବେ ରୁଚି ପ୍ରକାଶ କରିଥିଲା । ଏହି ଫର୍ମୁଲା ଆଧାରରେ ଆଗାମୀ ତିନି ବର୍ଷ ଭାରତ ବନାମ ପାକିସ୍ତାନ ମ୍ୟାଚ୍ ଦୁବାଇରେ ଖେଳା ଯିବାର ଥିଲା । କିନ୍ତୁ ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ, ବିସିସିଆଇ ଏହି ପ୍ରସ୍ତାବ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ । ଅନ୍ୟପଟେ ପିସିବିର କହିବା କଥା ଯଦି ଭାରତ ଏହି ଫର୍ମୁଲା ସ୍ୱୀକାର ନ କରେ ତେବେ ଆମେ ବି ଭବିଷ୍ୟତରେ ନିଜର ଦଳ ଭାରତ ପଠାଇବୁ ନାହିଁ । ଯଦି ଭବିଷ୍ୟତରେ ଭାରତରେ କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟ ହୁଏ ତେବେ ଆମ ବିପକ୍ଷ ମ୍ୟାଚ୍ ଦୁବାଇରେ ଖେଳାଯାଉ । ସାଂପ୍ରତିକ ସ୍ଥିତିକୁ ଦେଖିଲେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ଏବେ ନୂଆ ଅଧ୍ୟକ୍ଷ ଜୟ ଶାହଙ୍କ ପାଇଁ ବଡ଼ ଆହ୍ୱାନ ହୋଇପାରେ ।

# କଞ୍ଜୁସି ବୋଲିଂ କରି ଇତିହାସ ରଚିଲେ ୱେଷ୍ଟଇଣ୍ଡିଜର ଜାୟଡେନ ସିଲ୍ସ

**ନୂଆଦିଲ୍ଲୀ**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଇତିହାସ ରଚିଛନ୍ତି ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ଜାୟଡେନ ସିଲ୍ସ । ସେ ପୁରୁଷ ଟେଷ୍ଟରେ ସବୁଠାରୁ କଞ୍ଜୁସି ବୋଲିଂ କରି ନିଜ ନାଁକୁ ରେକର୍ଡ ବୁକ୍‌ରେ ସାମିଲ କରିଛନ୍ତି ।

ସିଲ୍ସ ଟେଷ୍ଟ କ୍ରିକେଟରେ ସବୁଠାରୁ କଞ୍ଜୁସ ବୋଲର ବା ସବୁଠାରୁ କମ୍ ରନ ଖର୍ଚ୍ଚ କରିଥିବା ଖେଳାଳିଙ୍କ ତାଲିକାର ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି । ସେ ଏପରି କୀର୍ତ୍ତିମାନ ହାସଲ କରିବା ସହ ବାଂଲାଦେଶ ବିପକ୍ଷରେ ୪ ୱିକେଟ ମଧ୍ୟ ଦଖଲ କରିଛନ୍ତି । ସିଲ୍ସ ୧୫.୫ ଓଭରରେ ୧୦ଟି ମେଡେନ ନେବା ସହ କେବଳ ୫ ରନ ଦେଇଛନ୍ତି । ଏହି ଘାତକ ବୋଲିଂ ଜରିଆରେ ସେ ବାଂଲାଦେଶର ୪ ଜଣ ବ୍ୟାଟରଙ୍କୁ ମଧ୍ୟ ଆଉଟ କରିଛନ୍ତି । ୨୩ ବର୍ଷୀୟ ସିଲ୍ସଙ୍କ ଇକୋନୋମୀ ରେଟ ୦.୩୦ ରହିଛି । ୧୯୬୩-୬୪ ପର ଠାରୁ କୌଣସି



ବୋଲର ଟେଷ୍ଟ କ୍ରିକେଟରେ ଏପରି କଞ୍ଜୁସି ବୋଲିଂ କରି ନଥିଲେ । ଏକବିଂଶ ଶତାବ୍ଦୀରେ ସବୁଠାରୁ କଞ୍ଜୁସି ବୋଲିଂର ରେକର୍ଡ ଉମେଶ ଯାଦବଙ୍କ ନାଁରେ ରହିଥିଲା । ସେ ୨୦୧୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ୨୧ ଓଭର ବୋଲିଂ କରି ୧୬ଟି ମେଡେନ ନେବା ସହ କେବଳ ୯ ରନ ଦେଇଥିଲେ । ତାଙ୍କ ଖାତାକୁ ୩ଟି ୱିକେଟ ମଧ୍ୟ ଯାଇ ଥିଲା । ଉମେଶଙ୍କ ଇକୋନୋମୀ ରେଟ ୦.୪୨ ରହିଥିଲା । ହେଲେ ସିଲ୍ସ ଏବେ ତାଙ୍କୁ ଅତିକ୍ରମ କରି ଯାଇଛନ୍ତି ।

ଉମେଶଙ୍କ ବ୍ୟତୀତ ଏକବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆର ନାଥନ ଲାୟନ ସବୁଠାରୁ କଞ୍ଜୁସି ବୋଲିଂ କରିଥିଲେ । ସେ ୨୦୧୪-୧୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ୨୨ ଓଭରରେ ୧୭ଟି ମେଡେନ ନେବା ସହ ୧୭ ରନ ଦେଇଥିଲେ । ତାଙ୍କୁ କୌଣସି ୱିକେଟ ମିଳି ନଥିଲେ ହେଁ ତାଙ୍କ ଇକୋନୋମୀ ରେଟ ୦.୪୫ ରହିଥିଲା । ଅନ୍ୟପକ୍ଷରେ ଟେଷ୍ଟ କ୍ରିକେଟରେ ସବୁଠାରୁ କଞ୍ଜୁସି ବୋଲିଂର ରେକର୍ଡ ଭାରତର ବାପୁ ନଦକରିନଙ୍କ ନାଁରେ ରହିଛି । ସେ ୧୯୬୩-୬୪ରେ ଇଂଲଣ୍ଡ ବିପକ୍ଷ ଚେନ୍ନାଇ ଟେଷ୍ଟରେ ୩୨ ଓଭର ବୋଲିଂ କରି ୨୭ଟି ମେଡେନ ନେବା ସହ କେବଳ ୫ ରନ ଦେଇଥିଲେ । ତାଙ୍କ ଇକୋନୋମୀ ରେଟ ୦.୧୫ ରହିଥିଲା । ଏବେ କଞ୍ଜୁସି ବୋଲିଂ ରାଙ୍କିଙ୍ଗର ଦ୍ୱିତୀୟ ସ୍ଥାନରେ ସେଲ୍ସ ରହିଛନ୍ତି ।

ତୃତୀୟ ସ୍ଥାନରେ ଇଂଲଣ୍ଡର ଜିମ ଲାକେର ୦.୩୭(୧୯୫୬-୫୭), ୪ର୍ଥରେ ଅଷ୍ଟ୍ରେଲିଆର ଜିମ ବୁରକେ ୦.୪୫(୧୯୫୭-୫୮), ୫ମରେ ଇଂଲଣ୍ଡର ଡାଭିନ ଆଲେନ ୦.୪୨(୧୯୬୫-୬୬), ୬ଷ୍ଠରେ ଭାରତ ଉମେଶ ଯାଦବ ୦.୪୨(୨୦୧୫-୧୬), ୭ମରେ ଭାରତର ମନିନ୍ଦର ସିଂହ(୧୯୮୬), ୦.୪୩, ୮ମରେ ଇଂଲଣ୍ଡର ଜିମ ଲାକେର ୦.୪୪(୧୯୫୬), ୯ମରେ ଇଂଲଣ୍ଡର ଡେରେକ ଅଣ୍ଡରଉଡ ୦.୪୪(୧୯୬୮) ଓ ୧୦ମରେ ନାଥନ ଲାୟନ ୦.୪୫(୨୦୧୪୦୧୫) ରହିଛନ୍ତି ।

# ଯାଜପୁର ଜିଲ୍ଲା ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବି.ସି.ସି ପାଣିକୋଇଲି ବିଜୟୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଆନ୍ତଃ ଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ନାଥସାହିସ୍ଥିତ ନୂଆପଡ଼ା ଖେଳପଡ଼ିଆଠାରେ ଅନୁଷ୍ଠିତ ୫ମ ଦିବସ ମ୍ୟାଚ୍ ବି.ସି.ସି ପାଣିକୋଇଲି ଏବଂ ଏସ୍.ସି.ସି କୋଲସାହି ପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିତି ବି.ସି.ସି ପାଣିକୋଇଲି ୩୬.୩ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୫୩ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଏକଲବ୍ୟ ହାତୀ ୩୬ ରନ୍ ଓ ବିକାଶ ଜେନା ୨୦ ରନ୍ ସଂଗ୍ରହ କରିଥିଲେ । ଏସ୍‌ସିସି କୋଲସାହି ପାଟଣା ବୋଲର ଅମରେଶ ବଳ ୬.୩ ଓଭର ବୋଲିଂ କରି ୧୬ ରନ୍ ଦେଇ ୬ଟି ଉଇକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ଏସ୍.ସି.ସି କୋଲସାହି ପାଟଣା ୨୨.୫ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୮୯ ରନ୍ ସଂଗ୍ରହ କରି ବି.ସି.ସି ପାଣିକୋଇଲିଠାରୁ ପରାସ୍ତ ହୋଇଥିଲା । ବି.ସି.ସି. ପାଣିକୋଇଲିର ବୋଲର ସୁଶୀଲ ବାଭୀ ୫.୫ ଓଭର ବୋଲିଂ କରି ୨୧ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିବାବେଳେ ଶୁଭକାନ୍ତ ପାତ୍ର ୭ ଓଭର ବୋଲିଂ କରି ୧୨ ରନ୍ ଦେଇ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ । ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଶାରଦା ପ୍ରସନ୍ନ ମହାପାତ୍ର ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ । ।

# ଭେଙ୍କଟେଶ ଆୟର ନୁହନ୍ତି, ଅଜିଙ୍କ୍ୟ ରାହାଣେ ହେବେ କେକେଆର ଅଧିନାୟକ !

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୪ରେ ଚାମ୍ପିଅନ ହୋଇଥିବା କୋଲକାତା ନାଇଟ ରାଇଡର୍ସ(କେକେଆର) ମେଗା ନିଲାମରେ ଭେଙ୍କଟେଶ ଆୟରଙ୍କୁ ରେକର୍ଡ ୨୩.୭୫ ଲକ୍ଷ ଟଙ୍କା ଦେଇ ପୁଣିଥରେ ନିଜ ସହ ସାମିଲ କରିଛି । ଫ୍ରାଞ୍ଚାଇଜ ପାଖରେ ଗତବର୍ଷର ଅଧିନାୟକ ଶ୍ରେୟସ ଆୟର ନଥିବାରୁ ଭେଙ୍କଟେଶ ଅଧିନାୟକ ହେବେ ବୋଲି କୁହାଯାଉଥିଲା । କିନ୍ତୁ ଭେଙ୍କଟେଶ ଆୟର ନୁହନ୍ତି, ବରଂ କେକେଆର ମାତ୍ର ୧.୫ କୋଟି ଟଙ୍କାରେ କିଣିଥିବା ଖେଳାଳିଙ୍କୁ ୨୦୨୫ ସଂସ୍କରଣରେ କ୍ୟାପ୍ଟେନ କରିବ ବୋଲି ରିପୋର୍ଟ ପ୍ରକାଶ ପାଇଛି ।

ରିପୋର୍ଟ ଅନୁସାରେ, ୨୦୨୫ରେ କେକେଆରର ନେତୃତ୍ୱ ନେବା ତାଲିକାର ୧ନଂ ସ୍ଥାନରେ ଅଜିଙ୍କ୍ୟ ରାହାଣେ ରହିଛନ୍ତି । ଦଳର ନେତୃତ୍ୱ ନେବା ଉଦ୍ଦେଶ୍ୟରେ ହିଁ ତାଙ୍କୁ ଫ୍ରାଞ୍ଚାଇଜ ବେସ୍ ପ୍ରାଇସ୍ ୧.୫ କୋଟିରେ କିଣିଛି । ପ୍ରଥମ ରାଉଣ୍ଡରେ ରାହାଣେଙ୍କୁ କେହି ବି କିଣିଥିଲେ । ହେଲେ ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ କେକେଆର କିଣିଛି । ଏବେ ରାହାଣେ କେକେଆରର ନେତୃତ୍ୱ ନେବେ ବୋଲି କୁହାଯାଉଛି ।

ରାହାଣେଙ୍କ ପାଖରେ କ୍ୟାପ୍ଟେନ୍ସିର ଅଭିଜ୍ଞତା ରହିଛି । ସେ ବିଭିନ୍ନ ଦଳର ନେତୃତ୍ୱ କ୍ରିକେଟର ଭିନ୍ନଭିନ୍ନ ଫର୍ମାଟରେ ନେଇଛନ୍ତି । ଭାରତୀୟ ଟିମର ପୂର୍ଣ୍ଣକାଳୀନ କ୍ୟାପଟ୍ଟେନଙ୍କ ଅନୁପସ୍ଥିତିରେ ସେ ଅନେକ ଥର ବେଶ୍ ଚମତ୍କାର ସହ ନେତୃତ୍ୱ ନେବାର ନଜିର ରହିଛି । ରାହାଣେ ଏବେ ମୁମ୍ବାଇ ରଣଜୀ ଟିମର କ୍ୟାପ୍ଟେନ ରହିଛନ୍ତି ।




୨୦୧୮ ଓ ୨୦୧୯ରେ ସେ ଆଇପିଏଲରେ ରାଜସ୍ଥାନ ରୟାଲ୍ସର କ୍ୟାପଟ୍ଟେନ ଭାବେ କାମ କରିଥିଲେ । ଅକ୍ସନରେ କେକେଆର ଅନ୍ୟ କୌଣସି କ୍ୟାପ୍ଟେନ ହେବାର ଅଭିଜ୍ଞତା ରଖିଥିବା ଖେଳାଳିଙ୍କୁ କିଣି ନଥିବାରୁ ରାହାଣେ ହିଁ ନେତୃତ୍ୱ ନେବେ ବୋଲି ଏକପ୍ରକାରର ସ୍ପଷ୍ଟ ହୋଇଛି ।

କେକେଆର ସହ ଜଡ଼ିତ ଜଣେ ଅଧିକାରୀ ନିଜ ନାଁ ଗୋପନ ରଖି କହିଛନ୍ତି ଯେ "ହଁ, ବର୍ତ୍ତମାନ ସମୟରେ ଅଜିଙ୍କ୍ୟ ରାହାଣେ କ୍ୟାପ୍ଟେନ ହେବା ୯୦% ନିଶ୍ଚିତ । ତାଙ୍କୁ କେକେଆର କେବଳ କ୍ୟାପ୍ଟେନ କରିବା ଉଦ୍ଦେଶ୍ୟରେ ମେଗା ଅକ୍ସନରେ କିଣିଛି ।" ମେଗା ଅକ୍ସନ ବେଳେ ଭେଙ୍କଟେଶ ଆୟରଙ୍କୁ କେକେଆର ୨୩.୭୫ କୋଟି ଟଙ୍କାରେ କିଣିଥିଲା । ମଧ୍ୟପ୍ରଦେଶ ପାଇଁ ଖେଳୁଥିବା ଭେଙ୍କଟେଶ ଏତେ ପରିମାଣର ଟଙ୍କା ପାଇ ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ । ଏଥିସହ ସେ କେକେଆରର ନେତୃତ୍ୱ ନେବାକୁ ମଧ୍ୟ ପ୍ରସ୍ତୁତ ଥିବା ନିଜ ଆଡ଼ୁ କହିଥିଲେ । ହେଲେ ଫ୍ରାଞ୍ଚାଇଜ ଅଲଗା ମୁଡ୍‌ରେ ରହିଛି । କେକେଆର ପକ୍ଷରୁ ରାହାଣେଙ୍କୁ ଅଧିନାୟକ ଓ ଭେଙ୍କଟେଶ ଆୟରଙ୍କୁ ଉପ ଅଧିନାୟକ କରାଯିବାର ସମ୍ଭାବନା ରହିଛି । ଏହାଦ୍ୱାରା ରାହାଣେ ତାଙ୍କ ଡେପୁଟିଙ୍କୁ ପରବର୍ତ୍ତୀ ସଂସ୍କରଣ ପାଇଁ ପୂର୍ଣ୍ଣକାଳୀନ କ୍ୟାପ୍ଟେନ ଭାବେ ଗଢ଼ି ତୋଳିବାରେ ମଧ୍ୟ ସମର୍ଥ ହେବେ । ୨୦୧୮ ଓ ୨୦୧୯ରେ ରାହାଣେ ରାଜସ୍ଥାନ ରୟାଲ୍ସର ୨୪ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ । କିନ୍ତୁ ରାଜସ୍ଥାନ ଏହି ୨୪ଟି ମ୍ୟାଚରୁ କେବଳ ୯ଟିରେ ଜିତି ପାରିଥିଲା ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଜାକୋବିନ କ୍ଲବ ଚାମ୍ପିଅନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାରସ୍ଥିତ ମା' ବିରଜା କ୍ରିକେଟ କ୍ଲବ୍ ଅନୁକୂଲ୍ୟରେ ଦୀର୍ଘ ୭ଦିନ ଧରି ଚାଲିଥିବା ଆନ୍ତଃ ଜିଲ୍ଲା ଚୌଦ୍ୱାର କପ୍ କ୍ରିକେଟ ଟର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାର ୧୨ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଯାଜପୁର ଜିଲ୍ଲା ଚଣ୍ଡିଖୋଲର ମହାବୀର ସ୍ପୋର୍ଟ କ୍ଲବ ଓ ଚୌଦ୍ୱାରର ଜକୋବିନ କ୍ଲବ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଜାକୋବିନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୯ରନ ସଂଗ୍ରହ କରିଥଲା । ଜବାବରେ ମହାବୀର ସମସ୍ତ ୱିକେଟ ହରାଇ ମାତ୍ର ୧୬୬ ରନରେ ସୀମିତ ରହିଥିଲା । ଜାକୋବିନ କ୍ଲବର ଦୀପକ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଦିବ୍ୟ ରଞ୍ଜନ ମଲ୍ଲ ଓ ଅଭୟ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଶାଳଗାଁ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ, କାଉନସିଲର ବିନୋଦିନୀ ରାଉତରାୟ, ସମ୍ବିତ ପ୍ରସନ୍ନ ନାୟକ, ଟୁକୁ ପ୍ରଧାନ, ଅଶ୍ୱିନୀ କୁମାର ଜେନା, ଭୀମସେନ ବିଶ୍ୱାଳ, ସଞ୍ଜୟ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜାକୋବିନ୍ କ୍ଲବ୍‌କୁ ଚାମ୍ପିଅନ୍ ଟ୍ରଫି ଓ ମହାବୀରକୁ ରନର୍ସ କପ୍ ସହିତ ଅନ୍ୟ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କ୍ଲବ ସଭାପତି ଅବିନାଶ ଗଡନାୟକ, ଦୀପକ ବାରିକ, ବଇଜେନ୍ଦ୍ର ସ୍ୱାଇଁ, ରୋହିତ ସ୍ୱାଇଁ, ସାର୍ଥକ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

# ଡବ୍ଲୁଟିସି ଫାଇନାଲ : ୨ ନମ୍ବରକୁ ଉଠିଲା ଦକ୍ଷିଣ ଆଫ୍ରିକା, ଭାରତ କେମିତି ଫାଇନାଲ ଯିବ ?

**ନୂଆଦିଲ୍ଲୀ**

ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନ୍ସସିପ ଫାଇନାଲ ଟିକେଟ ପାଇଁ ଲଢ଼େଇ ଜୋରଦାର ଚାଲିଛି । ବର୍ତ୍ତମାନ ଚାଲିଥିବା ୪ଟି ଟେଷ୍ଟ ମଧ୍ୟରୁ ୩ଟିର ରେଜଲ୍ଟ ସମ୍ଭବତଃ ଆସନ୍ତାବର୍ଷ କେଉଁ ଦୁଇ ଟିମ୍ ଲର୍ଡସରେ ଫାଇନାଲ ଖେଳିବେ, ତା'ର ଭାଗ୍ୟ ନିର୍ଦ୍ଧାରଣ କରିବ । ଭାରତ ଓ ଦକ୍ଷିଣ ଆଫ୍ରିକା ଆଗକୁ ବଢ଼ୁଥିବା ବେଳେ ନ୍ୟୁଜିଲାଣ୍ଡକୁ ଘରୋଇ ମାଟିରେ ଇଂଲଣ୍ଡ ଠାରୁ ଝଟ୍‌କା ଲାଗିଛି । ପ୍ରଥମ ଟେଷ୍ଟରେ ନ୍ୟୁଜିଲ୍ୟାଣ୍ଡ ୮ ୱିକେଟରେ ଇଂଲଣ୍ଡ ଠାରୁ ହାରି ଯିବାରୁ ଦଳର ଫାଇନାଲ ଖେଳିବା ଆଶା ଆଶଙ୍କା ମଧ୍ୟକୁ ଠେଲି ହୋଇଯାଇଛି । ସେହିପରି ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାକୁ ହରାଇ ଦେଇଥିବା ଦକ୍ଷିଣ ଆଫ୍ରିକା ଏବେ ପଏଣ୍ଟ ଟେବୁଲର ଦ୍ୱିତୀୟ ପହଞ୍ଚି ଯାଇଛି । ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ଜିତିବା ପରେ ଭାରତ ପ୍ରଥମ ସ୍ଥାନକୁ ଉଠିଥିବା ବେଳେ ପୂର୍ବରୁ ୨ନଂରେ ଥିବା ଅଷ୍ଟ୍ରେଲିଆ ତୃତୀୟ ସ୍ଥାନକୁ ଖସି ଯାଇଛି । ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି । ଭାରତ ବିଜୟ ପ୍ରତିଶତ ପଏଣ୍ଟ ୬୧.୧୧ ରହିଥିବା ବେଳେ ୫୯.୨୬% ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓ ଅଷ୍ଟ୍ରେଲିଆ ୫୭.୬୯% ସହ ତୃତୀୟରେ ରହିଛି । ଭାରତକୁ ଅନ୍ୟ କୌଣସି ଦଳ ଉପରେ ନିର୍ଭର ନ କରି ସିଧାସଳଖ ଫାଇନାଲ ଟିକେଟ ହାତେଇବାକୁ ହେଲେ ବର୍ଡର-ଗାଭାସ୍କର ଟ୍ରଫିକୁ ୫-୦, ୪-୦, ୪-୧ କିମ୍ବା ୩-୦ରେ ଜିତିବାକୁ ପଡ଼ିବ । ଯଦି ଅଷ୍ଟ୍ରେଲିଆକୁ ଭାରତ ୩-୦ରେ ହରାଇ ଦେଉଛି, ତା'ହେଲେ ବିଜୟ ପ୍ରତିଶତ ପଏଣ୍ଟ ୬୨.୨୮ ହୋଇଯିବ । କେବଳ ଦକ୍ଷିଣ ଆଫ୍ରିକା ଚାହିଁଲେ, ଏହାକୁ ଅତିକ୍ରମ କରିପାରିବ । ଭାରତୀୟ ଟିମ୍ ଅଷ୍ଟ୍ରେଲିଆ ଠାରୁ ସିରିଜ୍ ହାରିଲେ ମଧ୍ୟ ଫାଇନାଲକୁ ଯାଇପାରିବ । କିନ୍ତୁ ଏଥିପାଇଁ ଅନ୍ୟ ଦଳଗୁଡ଼ିକର ରେଜଲ୍ଟ ଉପରେ ନର୍ଭର କରିବାକୁ ପଡ଼ିବ । ଯଦି ଭାରତୀୟ ଟିମ୍ ୨-୩ରେ ସିରିଜ ହାରି ଯାଉଛି, ତା'ହେଲେ ପିସିଟି ୫୩.୫୧କୁ ଖସିଆସିବ । ଏପରି ସ୍ଥିତିରେ ଅଷ୍ଟ୍ରେଲିଆ ୧ନଂରେ ରହିବ । ଭାରତକୁ ଫାଇନାଲ ଟିକେଟ ପାଇଁ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ସିରିଜ୍ ୧-୧ରେ ଡ୍ର ରହିବା ଦରକାର । ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ବନାମ ପାକିସ୍ତାନ ସିରିଜ ମଧ୍ୟ ୧-୧ ରହିବା ଦରକାର । ଶ୍ରୀଲଙ୍କା ବନାମ ଅଷ୍ଟ୍ରେଲିଆ ସିରିଜ୍ ୦-୦ରେ ରହିଲେ ଭାରତ ଫାଇନାଲକୁ ଯାଇ ପାରିବ ।

# ଉଦ୍‌ଘାଟିତ ହେଲା ହୀରାକୁଦ ଇକୋ ରିଟ୍ରିଟ୍



**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସବୁ ବର୍ଷପରି ଏହି ବର୍ଷ ମଧ୍ୟ ହୀରାକୁଦ ଇକୋ ରିଟ୍ରିଟ୍ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ରବିବାର ସକାଳ ୧୧ ଟାରେ ହୀରାକୁଦ ଇକୋ ରିଟ୍ରିଟ୍ ଉଦଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୁମୁଦିନି ନାୟକ ଯୋଗ ଦେଇ ଥିଲେ । ଉତ୍ତରାଞ୍ଚଳ ଆଇ.ଜି ହିମାଂଶୁ ଲାଲ, ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଡି.ଏଫ.ଓ ସମ୍ବଲପୁର କାଲୁଁଗେ ଗୌରଖ ଓ୍ୱାମାନ, ପ୍ରୋବେଶନର ଭୋସଲେ ଶୁଭମ ସଞ୍ଜୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ ପ୍ରତିନିଧି ବିଭୁତି କଲ୍ୟାଣ ପଟେଲ, ସରପଞ୍ଚ କୀଲାସମା ଗୌରୀ ବାରିକ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଦଲେଇ ଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଇକୋ ରିଟ୍ରିରେ ଷ୍ଟାର ହୋଟେଲର ରହଣି ସୁବିଧା, ସକାଳ ଜଳଖିଆ ଠାରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ମେନ୍ୟୁରେ ରହିଛି ସୁସ୍ୱାଦ ଖାଦ୍ୟ, ପାନୀୟ, ନାଚ, ଗୀତ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଜଳକ୍ରୀଡ଼ା, ବୋଟ୍‌ରେ ହୀରାକୁଦ ଜଳରାଶିରେ ବୁଲିବାର ମଜା, ଦୁଃସାହସିକ ଖେଳ ସହ ପ୍ରକୃତି କୋଳଲେ ଅପୂର୍ବ ଅନୁଭୂତି ପର୍ଯ୍ୟଟକମାନେ ସାଉଁଟିବେ । ଏହା ସହିତ ହୀରାକୁଦ ଇକୋ ରିଟ୍ରିଟ୍ ଆସିଥିବା ପର୍ଯ୍ୟଟକମାନେ ସମଲେଇ ମନ୍ଦିର, ହୀରାକୁଦ ଡ୍ୟାମ୍, ଡେବ୍ରିଗଡ଼ ଅଭୟାରଣ୍ୟ ଇତ୍ୟାଦି ବୁଲିବା ସହିତ ମଜା ନେବେ । ଚଳିତ ବର୍ଷ ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟକଙ୍କ ପାଇଁ ୨୫ ଗୋଟିଏ ବିଳାସପୂର୍ଣ୍ଣ କଟେଜ୍ ସହିତ ଷ୍ଟାର ହୋଟେଲ ସୁବିଧା ମିଳିବ । ଏହି କଟେଜ୍‌ରେ ଗୋଟିଏ ଦିନର ରହଣି (ସୋମବାରରୁ ଶୁକ୍ରବାର ) ୫ ହଜାର ଟଙ୍କା ଏବଂ ଶନିବାର ଓ ରବିବାର ପ୍ରତି କଟେଜ୍‌ର ମୂଲ୍ୟ ୬ ହଜାର ଟଙ୍କା ରହିଛି । ସୂଚନା ଯେ, ରବିବାର ହୀରାକୁଦ ସମେତ କଟକ ଜିଲ୍ଲାର ସାତୋକୋଶିଆ, କନ୍ଧମାଳର ଦାରିଙ୍ଗିବାଡି, କୋରାପୁଟର ପୁଟସିଲ ଇକୋ ରିଟ୍ରିଟର, ଗଞ୍ଜାମର ସୋନାପୁର ଇକୋ ରିଟ୍ରିଟ, କେନ୍ଦ୍ରାପଡ଼ାର ଭିତରକନିକା ଇକୋ ରିଟ୍ରିଟ୍‌ର ଉଦଘାଟ୍‌ନ ମଧ୍ୟ ହୋଇଯାଇଛି ।

# ରାଜ୍ୟଗୋଷ୍ଠୀ କରାଟେ : ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୧ ପଦକ




**କଟକ, ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ ଆଫ୍ରିକାର ଡର୍ବାନରେ ଚାଲିଥିବା ୧୧ତମ ରାଜ୍ୟଗୋଷ୍ଠୀ କରାଟେ ଚାମ୍ପିଅନସିପ୍‌ରେ ଓଡ଼ିଶା କରାଟେକାମାନେ ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୫ଟି କାଂସ୍ୟ ସହ ମୋଟ୍ ୧୧ଟି ପଦକ ଜିତିଛନ୍ତି । ସୁରୋମିତା ସିହ୍ନା ବ୍ୟକ୍ତିଗତ କାଟା ଓ ଦଳଗତ କାଟାରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୨୧ ବର୍ଷରୁ କମ୍ ବାଳକ କୁମିତେରେ ଶୁଭକାନ୍ତ ବିଶ୍ୱାଳ ସ୍ୱର୍ଣ୍ଣ, ସିନିୟର ମହିଳା ଦଳଗତ କାଟାରେ ଭାଲିନା ଭାଲେଣ୍ଟିନା, ସୁରୋମିତ ସିହ୍ନା, ସୁପ୍ରିୟା ମହାନ୍ତି ସ୍ୱର୍ଣ୍ଣ, ୨୧ ବର୍ଷରୁ କମ୍ ବାଳିକା ବ୍ୟକ୍ତିଗତ କାଟାରେ ସୁରୋମିତା ସିହ୍ନା ଓ କ୍ୟାଡେଟ୍ ମହିଳା ବ୍ୟକ୍ତିଗତ କାଟାରେ ଆଲିଶା ସୁବୁଦ୍ଧି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଜୁନିୟର ପୁରୁଷ ଦଳଗତ କାଟାରେ ସୂର୍ଯ୍ୟପ୍ରକାଶ ଘଡ଼େଇ ଓ ଆର୍ଯ୍ୟବ୍ରତ ବିଶ୍ୱାଳ, ଜୁନିୟର ମହିଳା ଦଳଗତ କାଟାରେ ପ୍ରିୟଦର୍ଶିନୀ ସାହୁ, ସୁପ୍ରିୟା ମହାନ୍ତି, ଆମିଶି ଝା ଓ ତମନ୍ନା ମେହେର ରୌପ୍ୟ ପଦକ ଜିତିଛନ୍ତି । ସିନିୟର ପୁରୁଷ କୁମିତେରେ ରତେଶ ରୟ, ସିନିୟର ମହିଳା କୁମିତେରେ ଲୋମା ସ୍ୱାଇଁ, ବ୍ୟକ୍ତିଗତ ସିନିୟର ମହିଳା କାଟାରେ ଭାଲେନା ଭାଲେଣ୍ଟିନା, କ୍ୟାଡେଟ୍ ବାଳକ ବ୍ୟକ୍ତିଗତ କାଟାରେ ପୁନିତ କୁମାର ମହନ୍ତ ଓ ୨୧ ବର୍ଷରୁ କମ୍ ବ୍ୟକ୍ତିଗତ ପୁରୁଷ କାଟାରେ ବେଦାନ୍ତ ଦାସ କାଂସ୍ୟ ପଦକ ଜିତିଛନ୍ତି । ପ୍ରତିଯୋଗିତାରେ ଓଡ଼ିଶାରୁ ୧୬ଜଣ କରାଟେକା ଅଂଶଗ୍ରହଣ କରିଛନ୍ତି । ପଦକ ବିଜେତା ଖେଳାଳିମାନଙ୍କୁ ରାଜ୍ୟ କରାଟେ ସଂଘ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଆସନ୍ତା ୬ରୁ ୱାଇଏମସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ୩୩ତମ । ୱାଇଏମସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନୂଆପଡ଼ା ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ ୱାଇଏମସି କ୍ଲବ ସଭାପତି ଅମରେଶ ଦାସ ସମ୍ପାଦକ ତପନ କୁମାର ବଗର୍ତ୍ତି ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ବନ୍ଧୀୟ ସୂଚନା ଦେଇଥିଲେ । ଆସନ୍ତା ଡିସେମ୍ବର ମାସ ୬ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ




ଟୁର୍ଣ୍ଣାମେଣ୍ଟଟି ଖେଳାଯିବାକୁ ସ୍ଥିର ହୋଇଥିବା ବେଳେ ବିଜୟୀ ଦଳକୁ ୮୫ ହଜାର ଟଙ୍କା ଓ ଉପବିଜୟୀ ଦଳକୁ ୫୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ । ୮ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟଟି ଆୟୋଜିତ ହେବାକୁ ଯାଉଛି । ପ୍ରତ୍ୟେକ ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ୍‌ର ପୁରସ୍କାର ୧ହଜାର ଟଙ୍କା ରହିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ୨ହଜାର ଟଙ୍କା ରଖାଯାଇଛି । ଫାଇନାଲ ମ୍ୟାଚ୍ ଦିନ ବାହାର ରାଜ୍ୟରୁ ଆସୁଥିବା ଦଳ ତଥା ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ଏକ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ ବୋଲି ଆୟୋଜକମାନେ କହିଛନ୍ତି । ଏହି ସମ୍ମିଳନୀ ଆୟୋଜନରେ ରଞ୍ଜିତ ସୁନା ଜାନୁ ମିଶ୍ର ଜିତୁ ହୋତା ପିଣ୍ଟୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।



# ‘ଓଡ଼ିଆ ଅସ୍ମିତାର ପ୍ରସାର ଦିଗରେ ଅଧିକ ଉଦ୍ୟମ ଲୋଡ଼ା’

## ଅଧ୍ୟାପକ ପରମେଶ୍ୱର ମୁଣ୍ଡଙ୍କୁ ‘ସୁରେଶ ସୃଜନ ସମ୍ମାନ’

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ଅସ୍ମିତାର ଅନ୍ୱେଷଣ ଓ ପ୍ରସାର ଦିଗରେ ସବୁ ସଚେତନ ଓଡ଼ିଆ କାର୍ଯ୍ୟ କରିବା ଆବଶ୍ୟକ । ସାଂସ୍କୃତିକ ଅବକ୍ଷୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯିବା ଦରକାର ବୋଲି ବିଧାୟକ ବାବୁ ସିଂ କହିଛନ୍ତି । ବିଶିଷ୍ଟ ନାଟ୍ୟକାର, ସଂସ୍କୃତି ଗବେଷକ, ନିର୍ଦ୍ଦେଶକ ଓ ସଂଗ୍ରାହକ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ଆୟୋଜିତ ସୁରେଶ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସିଂ ଓଡ଼ିଆ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ସରକାର ସବୁମତେ ଉଦ୍ୟମ କରୁଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ ‘ସୁରେଶ ସମାବେଶ’ରେ ଅତିଥିମାନେ ସୁରେଶ ବଳବନ୍ତରାୟ ଓଡ଼ିଶାରେ ସାଂସ୍କୃତିକ ଆନ୍ଦୋଳନର ଅନ୍ୟତମ ସୂତ୍ରଧର ଥିଲେ ବୋଲି ଜଣାଇ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ନିବେଦନ କରିଥିଲେ । ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ବିଶିଷ୍ଟ ନାଟ୍ୟ କର୍ମୀ ତଥା ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ବକ୍ତବ୍ୟ ରଖି ସୁରେଶ ବଳବନ୍ତରାୟଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ ନାଟ୍ୟକାର ତଥା ଲୋକସଂସ୍କୃତି ଗବେଷକ ଅଧ୍ୟାପକ ପରମେଶ୍ୱର ମୁଣ୍ଡଙ୍କୁ ଏହି ଅବସରରେ ‘ସୁରେଶ ସୃଜନ ସମ୍ମାନ’ ପ୍ରଦାନ କରାଯାଇଥିବା ବେଳେ ବିଶ୍ୱ ମୁକ୍ତି ପବ୍ଲିକେସନ୍ ପ୍ରକାଶିତ ସ୍ୱର୍ଗତ ବଳବନ୍ତରାୟଙ୍କ ଅନୁଦିତ ନାଟକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ପ୍ରକାଶକ ସୁଧୀର ମଉଡ଼ମଣି ଉପସ୍ଥିତ ଥିଲେ । କବି ରକ୍ଷକ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଫାଉଣ୍ଡେସନ୍‌ର ସଂପାଦିକା ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ବିବରଣୀ ପାଠ କରିଥିଲେ । ଅଧ୍ୟାପିକା ଶାଶ୍ୱତୀ ଜେନା ମାନପତ୍ର ପାଠ କରିଥିବା ବେଳେ ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସୂଚନା କମିଶନର ଶ୍ରୀ ଜଗଦାନନ୍ଦ, ଅଧ୍ୟାପକ ବିଶ୍ୱରଞ୍ଜନ, ନାଟ୍ୟ ଚେତନା ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କ ସମେତ ବହୁ ଲେଖକ, ଶିଳ୍ପୀ, ଗବେଷକ, ବୁଦ୍ଧିଜୀବୀ ଓ ନାଟ୍ୟକର୍ମୀ ସମବେତ ହୋଇଥିଲେ ।



# ପୋଲାଭରମ ପ୍ରକଳ୍ପ ହେଲେ ମାଲକାନଗିରି ଜିଲ୍ଲାର ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହେବ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ପ୍ରାୟ ୨୦୦ରୁ ଅଧିକ ଗ୍ରାମ ଜଳମଗ୍ନ ହେବ ଓ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ଏହି ପ୍ରକଳ୍ପ କାମ ଆଗକୁ ବଢ଼ିବା ଉଚିତ ନୁହେଁ ବୋଲି ବିଜୁ ଜନତା ଦଳ ତରଫରୁ ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ବିଜେଡିର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ ଦଳର ସଭ୍ୟ ସଂଗ୍ରହ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଦିନ ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯିବ ଓ ସେଠାରେ ପୋଲାଭରମ ପ୍ରକଳ୍ପ ସମ୍ବନ୍ଧୀୟ ବିଭାଗର ବିଭିନ୍ନ ଅଧିକାରୀଙ୍କୁ ଭେଟି ଏହି ପ୍ରକଳ୍ପ ହେଲେ ଓଡ଼ିଶାର ହେବାକୁ ଥିବା କ୍ଷତି ସମ୍ପର୍କରେ ଅବଗତ କରିବେ । ଶ୍ରୀ ମିଶ୍ର କହିଥିଲେ, ପୋଲାଭରମ ପ୍ରକଳ୍ପ ଆରମ୍ଭ ସମୟରେ ଏହାର ଡିଜାଇନ ୩୬ ଲକ୍ଷ କ୍ୟୁସେକ ଜଳ ରହିବ ବୋଲି କୁହାଯାଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହାର କ୍ଷମତା ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଥିଲା । ଏହି ପ୍ରକଳ୍ପର ଜଳଧାରଣ କ୍ଷମତା ବଢ଼ିଯିବା ପରେ ଏହାର ପ୍ରଭାବ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡିକରେ, ବିଶେଷକରି ମାଲକାନଗିରି ଜିଲ୍ଲା ଉପରେ କ’ଣ ପ୍ରଭାବ ପଡ଼ିବ, ତାହାର ଆକଳନ କରାଯାଇ ନଥିଲା । ତେଣୁ ୨୦୦୭ ମସିହାରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ପରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ମନ୍ତବ୍ୟ ରଖି ପ୍ରକଳ୍ପର କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ । ଏହାପରେ ମଧ୍ୟ ଏହି ବର୍ଦ୍ଧିତ କ୍ଷମତାରେ ପ୍ରକଳ୍ପ ହେଲେ, ପ୍ରକଳ୍ପର ବ୍ୟାକ ୱାଟର ବା ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ଜଳମଗ୍ନ କରିବ, ତାହାର ଆକଳନ କରାଯାଇନାହିଁ । ଆଇଆଇଟି ରୁର୍କୀ ଦ୍ୱାରା କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି, ବର୍ଦ୍ଧିତ କ୍ଷମତା ୫୦ ଲକ୍ଷ କ୍ୟୁସେକ ଜଳ ହେଲେ ପଛୁଆ ପାଣିର ଉଚ୍ଚତା ୨୩୨.୨ ମିଟର ହେବ । ଶ୍ରୀ ମିଶ୍ର କହିଥିଲେ, ଏହି ପ୍ରକଳ୍ପକୁ ପୂରା କରିବା ପାଇଁ କେନ୍ଦ୍ର ବଜେଟରେ ୧୫ ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା କରାଯାଇଥିଲା । ଏହି ଅନୁଦାନ ଘୋଷଣା ପରେ ମାଲକାନଗିରି ଜିଲ୍ଲାର ବାସିନ୍ଦା ମାନଙ୍କ ମଧ୍ୟରେ ନାନା ଆଶଙ୍କା ଦେଖାଯାଇଥିଲା । ମାଲକାନଗିରି ଜିଲ୍ଲାର ବାସିନ୍ଦାଙ୍କ ଆଶଙ୍କାକୁ ସମ୍ମାନ ଜଣାଇ ବିଜେଡିର ସଭାପତି ପ୍ରଥମେ ମାଲକାନଗିରି ଓ ପରେ ପ୍ରକଳ୍ପ ଅଞ୍ଚଳକୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଇ ଥିଲେ । ପ୍ରକଳ୍ପ ଅଞ୍ଚଳରେ କାମ ଆରମ୍ଭ କରିବା ପାଇଁ ତତ୍ପରତା ଦେଖିବାକୁ ମିଳିଥିଲା । କିନ୍ତୁ, ଏହାର ପ୍ରଭାବ କେଉଁ କେଉଁ ଅଞ୍ଚଳ ଉପରେ ପଡିବ ତାହା କେବଳ ସିଡବ୍ଲୁସିର ଅଧିକାରୀ ମାନେ କହିପାରିବେ ବୋଲି ସେଠାକାର ଅଧିକାରୀ ମାନେ କହିଥିଲେ । ବିଶେଷଜ୍ଞ ମାନଙ୍କ ସହ ଆଲୋଚନାରୁ ଜଣାପଡିଛି, ଏହି ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାର ମୋଟୁ ଓ ପଡିଆ ଅଞ୍ଚଳର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଓ ପଡ଼ାଗ୍ରାମ କ୍ଷତିଗ୍ରସ୍ତ ହେବେ । ଶ୍ରୀ ମିଶ୍ର ଆହୁରି କହିଥିଲେ, ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଦିନ ଦିଲ୍ଲୀ ଯାଇ ସେଠାରେ ସିଡବ୍ଲୁସି ଅଧିକାରୀ ତଥା ସଂଲଗ୍ନ ବିଭିନ୍ନ ମନ୍ତ୍ରଣାଳୟ ଓ ନିୟାମକ ଅନୁଷ୍ଠାନର କର୍ତ୍ତୃପକ୍ଷମାନଙ୍କୁ ଭେଟିବା ସହ ପୋଲାଭରମର ଦାବିକୁ ଉପସ୍ଥାପନ କରିବେ । ଏଠାରୁ ଯାଉଥିବା ସାତ ଜଣ ପ୍ରତିନିଧି ମଣ୍ଡଳୀ ସହିତ ବିଜେଡିର ସାତ ଜଣ ରାଜ୍ୟସଭା ସାଂସଦ ମଧ୍ୟ ଦିଲ୍ଲୀରେ ଏହି ପ୍ରତିନିଧି ମଣ୍ଡଳୀ ସହିତ ଯୋଗଦେବେ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗୁଗୁଲକୁ ଚିଠି ଲେଖିଲେ ...

ଆସିବା ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଆରମ୍ଭ କରିଥିଲା । ଏନେଇ ଗୁଗୁଲକୁ ଚିଠି ଲେଖି କ୍ରାଇମବ୍ରାଞ୍ଚ ଏସଟିଏଫ ତଥ୍ୟ ମାଗିଛନ୍ତି ।

## ଆଜି ଆସୁଛନ୍ତି ମହାମହିମ...

ରାଷ୍ଟ୍ରପତି । ଠିକ୍ ସେହିପରି ୬ ତାରିଖ ଶୁକ୍ରବାର ଦିନ ସକାଳ ୯ଟାରେ ରାଜଭବନରୁ ବାହାରି ରାଷ୍ଟ୍ରପତି ଡକ୍ଟର ବି.ଆର.ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ଅବସରରେ ଭୁବନେଶ୍ୱର ଏ.ଜି.ଛକ ଠାରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ଏହାପରେ ପୂର୍ବାହ୍ନ ୯.୧୫ମିନିଟ ସମୟରେ ବିଜୁପଟ୍ଟନାୟକ ବିମାନ ବନ୍ଦରରୁ ବାୟୁସେନାର ବିମାନ ଯୋଗେ ପଶ୍ଚିମବଙ୍ଗ ସ୍ଥିତ କଲେଇକୁଣ୍ଡା ଏୟାରବେସରେ ୧୦.୧୫ମିନିଟ ସମୟରେ ଅବତରଣ ପରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼ ସ୍ଥିତ ରଙ୍ଗମାଟିଆ ଅସ୍ଥାୟୀ ହେଲିପ୍ୟାଡରେ ପୂର୍ବାହ୍ନ ୧୧ଟା ୦୫ମିନିଟରେ ଅବତରଣ କରିବେ । ସେଠାରୁ ସଡକପଥରେ ନିଜ ଜନ୍ମ ମାଟି ଉପରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଭାବବିନିମୟ କରିବେ ରାଷ୍ଟ୍ରପତି । ୧୨.୦୫ରେ ସେଠାରୁ ବାହାରି ଉପରବେଡା ସ୍ଥିତ ପୈତୃକ ଘରେ ପହଞ୍ଚି ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ମଧ୍ୟାହ୍ନ ୧୨.୩୦ମିନିଟରେ ଉପରବେଡାରୁ ବାହାରି ସଡ଼କପଥରେ ରାଇରଙ୍ଗପୁର ସ୍ଥିତ ଗେଷ୍ଟ ହାଉସ ଠାରେ ପହଞ୍ଚି ମଧ୍ୟାହ୍ନ ଭୋଜନ କରିବେ । ଅପରାହ୍ନ ୩ଟା ସମୟରେ ସେଠାରୁ ବାହାରି ରାଇରଙ୍ଗପୁର ସ୍ଥିତ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ପହଞ୍ଚି ନିଜ ସ୍ୱାମୀ ଓ ୨ପୁତ୍ରଙ୍କ ସ୍ମୃତିରେ ସ୍ଥାପନ କରିଥିବା ଏସ.ଏଲ.ଏସ୍. ଟ୍ରଷ୍ଟ ପକ୍ଷରୁ ଏକ ଆମ୍ବୁଲାନ୍ସ ଡାକ୍ତରଖାନାକୁ ହସ୍ତାନ୍ତର କରିବା ସହ ଯାନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ ରାଷ୍ଟ୍ରପତି । ଏହାପରେ ଅପରାହ୍ନ ୪ଟା ସମୟରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଠାରେ ପହଞ୍ଚି ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ସହ ଭାବବିନିମୟ କରିବେ । ସେଠାରୁ ବାହାରି ଅପରାହ୍ନ ୪ଟା ୫୦ମିନିଟ ସମୟରେ ରାଇରଙ୍ଗପୁର ସ୍ଥିତ ପୁଣ୍ୟେଶ୍ୱର ଶିବମନ୍ଦିର ଠାରେ ନୂତନ ଭାବେ ସ୍ଥାପିତ ଗଣେଶ ମୂର୍ତ୍ତିକୁ ଉନ୍ମୋଚନ କରିବେ ଏବଂ ଆଳତି କରିବା ପରେ ନିଜ ବାସଭବନକୁ ଆସି ରାତ୍ରୀଯାପନ କରିବେ । ଡିସେମ୍ବର ୭ ତାରିଖ ଶନିବାର ପୂର୍ବାହ୍ନ ୧୦ଟାରେ ରାଇରଙ୍ଗପୁର ନିଜ ବାସଭବନରୁ ବାହାରି ଦଣ୍ଡବୋଷ ହେଲିପ୍ୟାଡରୁ ହେଲିକପ୍ଟର ଯୋଗେ ଆସି ୧୦ଟା ୪୫ମିନିଟ ସମୟରେ ବାଙ୍ଗିରିପୋଷି ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିବେ ରାଷ୍ଟ୍ରପତି । ହେଲିପ୍ୟାଡରୁ ପୂର୍ବାହ୍ନ ୧୧ଟା ସମୟରେ ବାହାରି ବାଙ୍ଗିରିପୋଷୀ ରେଳଷ୍ଟେସନ ସ୍ଥିତ ସଭାସ୍ଥଳରେ ପହଞ୍ଚିବେ ରାଷ୍ଟ୍ରପତି । ବାଙ୍ଗିରିପୋଷୀ ସଭାସ୍ଥଳରେ ବାଙ୍ଗିରିପୋଷୀ-ଗୋରୁମହିଷାଣି, ବୁଢାମରା-ଚାକୁଳିଆ, ବାଦାମପାହାଡ-କେନ୍ଦୁଝର, ତିନୋଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଭର୍ଚ୍ଚୁଆଲ ମୋଡରେ ରାଇରଙ୍ଗପୁର ଠାରେ ଆଦିବାସୀ ରିସର୍ଚ୍ଚ ସେଣ୍ଟର, ରାଇରଙ୍ଗପୁର ଦାଣ୍ଡବୋଷ ବିମାନବନ୍ଦର ଉନ୍ନତିକରଣ, ରାଇରଙ୍ଗପୁର ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ଏକ ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ରଖିବେ ରାଷ୍ଟ୍ରପତି । ମଧ୍ୟାହ୍ନ ୧୨ଟା ୧୫ମିନିଟରେ ବାଙ୍ଗିରିପୋଷି ସଭାସ୍ଥଳରୁ ବାହାରି ସେ ବାୟୁସେନାର ହେଲିକପ୍ଟର ଯୋଗେ ପଶ୍ଚିମବଙ୍ଗ ସ୍ଥିତ କଲେଇକୁଣ୍ଡା ଏୟାରବେସରେ ପହଞ୍ଚି ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀକୁ ଯାତ୍ରା କରିବେ । ଏନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ଜାରି କରାଯାଇଛି ।

## ଚଢ଼ାଦରରେ ଆଳୁ ବିକିଲେ...

ଛତ୍ରବଜାରରେ ବିଭିନ୍ନ ଦୋକାନ ଓ ଗୋଦାମରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା । ଉତ୍ତରପ୍ରଦେଶରୁ ରାଜ୍ୟକୁ ୩୦୦ ଟ୍ରକ୍ ଆଳୁ ଆସି ପହଞ୍ଚିଥିବା କୁହାଯାଉଥିଲେ ମଧ ଛତ୍ରବଜାରରେ ଆଳୁ କିଲୋଗ୍ରାମ ପିଛା ୪୫ ଟଙ୍କାରେ ବିକ୍ରି ହେଉଛି । ଯୋଗାଣ ବିଭାଗ ଚଢ଼ଉ ପରେ ଆଳୁ ଦର ୫ ଟଙ୍କା କମି ୫୦ ଟଙ୍କାରୁ ୪୫ ଟଙ୍କାରେ ବିକ୍ରି ହେଉଥିବା କୁହାଯାଉଛି । ସୋମବାର ସକାଳେ ୫ ଟ୍ରକ୍ ଆଳୁ ଗାଡ଼ି ପହଞ୍ଚିଛି । ଉତ୍ତର ପ୍ରଦେଶରୁ ଆସିଥିବା ଆଳୁର ଦର କୁଇଣ୍ଟାଲ ପ୍ରତି ୩୫ରୁ ୩୬ ଶହ ଟଙ୍କା ରହିଛି । ସେହିପରି ପଶ୍ଚିମବଙ୍ଗରୁ ଆସିଥିବା ଆଳୁ କୁଇଣ୍ଟାଲ ପ୍ରତି ୩୭ରୁ ୩୮ ଶହ ଟଙ୍କା ରହିଛି । ୧୦୦୦ କୁଇଣ୍ଟାଲ ଆଳୁ ଷ୍ଟକ୍ ରହିଛି । ଅଧିକ ଟଙ୍କାରେ ଆଳୁ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ୫ ମାସରେ ୯୦ ସରକାରୀ...

ଶ୍ରୀ ମାଝୀ ସୋମବାର ଗୃହରେ ଏହି ସୂଚନା ଦେଇଛନ୍ତି । ୨୦୨୪ ଜୁନ୍ ମାସରୁ ଅକ୍ଟୋବର ମାସ ମଧ୍ୟରେ ନୂଆ ସରକାର ଦୁର୍ନୀତିଖୋରଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପ୍ରକାଶ କରିଛନ୍ତି । ରୁଜୁ ହୋଇଥିବା ମାମଲା ମଧ୍ୟରେ ରାଜସ୍ୱ ବିଭାଗରେ ସର୍ବାଧିକ ୨୦ ଅଧିକାରୀ ଅଛନ୍ତି । ସେହିପରି ପଞ୍ଚାୟତିରାଜ ବିଭାଗର ୧୮ ଜଣ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ।

## ସଂସଦରେ ସମ୍ବିଧାନ...

ଅଧିବେଶନ ଆରମ୍ଭ ହୋଇଥିଲା । ତେବେ ସମ୍ବିଧାନକୁ ନେଇ ବିତର୍କ ଦାବିରେ ବାରମ୍ବାର ହଟ୍ଟଗୋଳ ଓ ଗୃହ ମୁଲତବୀ ହୋଇଥିଲା । ଯାହାକୁ ନେଇ ସୋମବାର ସର୍ବଦଳୀୟ ବୈଠକ ଡାକିଥିଲେ ବାଚସ୍ପତି ଓମ୍ ବିର୍ଲା । ଏହି ବୈଠକରେ ସମ୍ବିଧାନ ଉପରେ ବିତର୍କ ପାଇଁ ସବୁ ଦଳର ସଦସ୍ୟ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି । ସର୍ବଦଳୀୟ ବୈଠକ ପରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ।

## ପ୍ରୋଟିନ୍ ପରିବର୍ତ୍ତନ ପାଇଁ ...

ସହ ଏହାର କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିଥାଏ, ଯେଉଁଥିପାଇଁ ରୋଗ ସୃଷ୍ଟି ହୁଏ । ପ୍ରୋଟିନ୍-ପ୍ରୋଟିନ୍ କମ୍ପ୍ଲେକ୍ସ ହେଉଛି ୨ ବା ତଦୂର୍ଦ୍ଧ୍ୱ ପ୍ରୋଟିନର ଏକତ୍ରୀକରଣ । ପ୍ରୋଟିନର ଦୁଇ ବା ତା’ଠାରୁ ଅଧିକ ଅଣୁ ମଧ୍ୟରେ ପାରସ୍ପରିକ କ୍ରିୟାର ଶକ୍ତି ହେଉଛି ବନ୍ଧନ ଶକ୍ତି, ଯାହା ପ୍ରୋଟିନ୍-ପ୍ରୋଟିନ୍ କମ୍ପ୍ଲେକ୍ସ ମ୍ୟୁଟେଶନର ପ୍ରଭାବ ଆକଳନ କରିବାରେ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇଆଇଟି ମାଡ୍ରାସ ବାୟୋଟେକ୍ନୋଲୋଜି ବିଭାଗ ପ୍ରଫେସର ଏମ୍. ମିଚେଲ ଗ୍ରୋମିହା କହିଛନ୍ତି ।

## ଖୁବ୍‌ଶୀଘ୍ର ଭାରତକୁ ଆସିବ ୨୬ ...

ସରକାରୀ ସ୍ତରରେ ଆଲୋଚନା ଚାଲିଥିବାରୁ ରାଫେଲ ଚୁକ୍ତିରେ ବିଳମ୍ବ ହେବ ନାହିଁ । ଅନେକ ଥର ଆଲୋଚନା କରାଯିବା ପରେ ରାଫେଲ କମ୍ପାନୀ ବିମାନ ମୂଲ୍ୟ ହ୍ରାସ କରିଛି । ୨୦୧୬ରେ ବାୟୁସେନା ପାଇଁ ୩୬ ରାଫେଲ ବିମାନ ଆଣିବା ଲାଗି ଯେଉଁ ମୂଲ୍ୟରେ ଚୁକ୍ତି ହୋଇଥିଲା ବର୍ତ୍ତମାନ ବି ସେହି ମୂଲ୍ୟରେ ଚୁକ୍ତି ହେବ ବୋଲି ସେ କହିଛନ୍ତି । ଏହି ଚୁକ୍ତି ଭାରତୀୟ ନୌସେନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୌସେନାର ଦକ୍ଷତା ବୃଦ୍ଧିରେ ଏହା ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି ।

## ନୌସେନା ଦିବସ କାର୍ଯ୍ୟକ୍ରମରେ...

ବିଧାୟକମାନେ ପୁରୀ ଯାଇ ନୌସେନା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ସେଠାରୁ କୋଣାର୍କରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରଖାଯାଇଛି ।

## ବିକଶିତ ଓଡ଼ିଶା...

ଓଡ଼ିଶା ପ୍ରଦେଶ ଗଠନର ଶହେବର୍ଷ ପୂର୍ତ୍ତି ପାଳନ ଅବସରରେ ଓଡ଼ିଶାକୁ ଭାରତ ବର୍ଷର ଏକ ବିକଶିତ ତଥା ଏକ ନମ୍ବର ରାଜ୍ୟଭାବେ ଗଢିବାକୁ ଗ୍ୟାରେଣ୍ଟି ଦେଇଛୁ । ଭାରତ ସରକାର ଏ କ୍ଷେତ୍ରରେ ସମସ୍ତ ସହଯୋଗ ଦେଉଛନ୍ତି । ଓଡ଼ିଶାକୁ ଭାରତ ସରକାର ସଡକ ଭିତ୍ତିଭୂମିର ବିକାଶ ପାଇଁ ୨୦ହଜାର କୋଟି, ରେଳ ଭିତ୍ତିଭୂମି ବିକାଶ ପାଇଁ ୨୦ ହଜାର କୋଟି ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆଉ ୬୦ହଜାର ଏହିପରି ଆଗାମୀ ଦିନରେ ୧ ଲକ୍ଷ କୋଟି ଟଙ୍କା ଭିତ୍ତିଭୂମି ବିକାଶ ବାବଦରେ ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି । ଏହାଦ୍ୱାରା ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ମୁଖ୍ୟମନ୍ତ୍ରୀ କହିଥିଲେ ରାଜ୍ୟ ସରକାର ପୋଲିସ ଶାସନ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ ଓ ଲୋକାଭିମୁଖୀ କରିବା ଏବଂ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ଉପରେ ପ୍ରାଥମିକତା ଦେଉଛନ୍ତି । ଓଡ଼ିଶା ଏବେ ମୋଟାମୋଟି ଶାନ୍ତିପୂର୍ଣ୍ଣ ରାଜ୍ୟଭାବେ ରହିଛି । ଏଠାରେ ସେଭଳି କୌଣସି ଅଶାନ୍ତିର ବାତାବରଣ ନାହିଁ । ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇନାହିଁ । ଦେଶରୁ ନକ୍ସଲ କାର୍ଯ୍ୟକଳାପର ମୁଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ଏବଂ ଗୃହମନ୍ତ୍ରୀ ଯେଉଁ ଘୋଷଣା କରିଛନ୍ତି ସେ ଦିଗରେ ତ୍ୱରିତ କାର୍ଯ୍ୟକ୍ରମ ନିଆଯାଉଛି । ଓଡ଼ିଶାରେ ନକ୍ସଲ ସମସ୍ୟାକୁ ଦୂର କରିବା ପାଇଁ ହେଲିକପ୍ଟର ଯୋଗାଇଦେବାକୁ କେନ୍ଦ୍ରକୁ ଅନୁରୋଧ କରାଯାଇଛି । ଲୋକସେବା ଭବନରେ ସଦ୍ୟସମାପ୍ତ ସର୍ବଭାରତୀୟ ଡିଜିପି ସମ୍ମିଳନୀ ସଫଳତାର ସହ ସମ୍ପନ୍ନ ହେବା ରାଜ୍ୟ ପାଇଁ ଗୌରବ ଆଣିଦେଇଛି । ଆନ୍ତର୍ଜାତିକ କ୍ଷେତ୍ରରୁ ଆତଙ୍କବାଦୀଙ୍କ ଧମକ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଏବଂ ଉଚିତ୍ ପଦକ୍ଷେପ ଗ୍ରହଣ ଦ୍ୱାରା ଏହି କାର୍ଯ୍ୟକ୍ରମରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହୋଇ ନାହିଁ । ଆଗାମୀ ଦିନରେ ଓଡ଼ିଶାରେ ହେବାକୁ ଥିବା ଭାରତୀୟ ନୌସେନା ଦିବସ କାର୍ଯ୍ୟକ୍ରମ, ପ୍ରବାସୀ ଭାରତୀୟ ସମ୍ମିଳନୀ, ମେକ୍ ଇନ୍ ଓଡ଼ିଶା ବା ଉତ୍କର୍ଷ ଓଡ଼ିଶା ସମ୍ମିଳନୀକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ସରକାରଙ୍କ ପକ୍ଷରୁ ସବୁପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଗାମୀ ଦିନରେ ଓଡ଼ିଶା ଶିଳ୍ପର ‘ହବ୍’ ହେବାକୁ ଯାଉଛି । ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟି କରାଯାଉଛି । ନିକଟରେ ସେ ସିଙ୍ଗାପୁର ଗସ୍ତରେ ଯାଇ ବିଶିଷ୍ଟ ଶିଳ୍ପପତି ଏବଂ ସେଠାକାର ପ୍ରଧାନମନ୍ତ୍ରୀ, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀଙ୍କ ସହ ମଧ୍ୟ ଓଡ଼ିଶାରେ ପୁଞ୍ଜିନିବେଶ ବାବଦରେ ଆଲୋଚନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ମହିଳା, ଶିଶୁ, ଦୁର୍ବଳ ଶ୍ରେଣୀଙ୍କ ପ୍ରତି ଅପରାଧକୁ ଦମନ କରିବା ପାଇଁ ଏବଂ ଏହି ସବୁଥିରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ସରକାର ପ୍ରାଥମିକତା ଦେଇଛନ୍ତି । ମହିଳା ବିରୋଧି ହିଂସା ପାଇଁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଉଛି । ପୂର୍ବ ସରକାର ଅମଳରେ ଥାନା ମାନଙ୍କରେ ମହିଳା ଓ ଶିଶୁ ଡେସ୍କ ପ୍ରତିଷ୍ଠା ହୋଇଥିଲେ ମଧ ତାହା ସଫଳ ଭାବେ କାର୍ଯ୍ୟକାରୀ ହୋଇନଥିଲା ବର୍ତ୍ତମାନ ସରକାର ଏହାକୁ ଶକ୍ତିଶାଳୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ପୋଲିସ ବିଭାଗକୁ ଶକ୍ତିଶାଳୀ କରିବା ସହିତ ଅପରାଧ ମାମଲାର ଫଇସଲା କରିବା ପାଇଁ ମଧ ପଦକ୍ଷେପ ନିଆଯାଇଛି । ପୋଲିସ ବିଭାଗରେ ଖାଲି ପଡିଥିବା ୨୯୨୨ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି । ଥାନା ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ପ୍ରତି ଥାନାରେ ଆଉ ୬ଟି ଲେଖାଁଏ ମୋଟର ସାଇକେଲ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ଏବଂ ଏଥିପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରାଯାଇଛି । ଥାନାଗୁଡିକୁ ୬୪୯ଟି ହାଇସ୍ପିଡ୍ ଯାନ ଯୋଗାଇଦିଆଯାଇଛି । ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ସମ୍ପୃକ୍ତ ସେଲ୍‌କୁ ଶକ୍ତିଶାଳୀ କରାଯାଇଛି । ଯାହାଫଳରେ ସାଇବର ଠକେଇର ଶିକାର ହୋଇଥିବା ଲୋକଙ୍କୁ ୩କୋଟି ୫୭ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି । ୩୩କୋଟି ଟଙ୍କା କାରବାର ଉପରେ ରୋକ୍ ଲଗାଯାଇଛି । ଗଞ୍ଜେଇ ଚାଷକୁ ନଷ୍ଟ କରିବା ପାଇଁ ଡ୍ରୋନ୍‌ର ସହାୟତା ନିଆଯାଉଛି । ଇତି ମଧ୍ୟରେ ୧୦୫୪୧ ଏକର ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି । ୧୨୬୮କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି । ୧୧କିଲୋ ଗ୍ରାମ୍ ବ୍ରାଉନ୍‌ସୁଗାର ମଧ ଜବତ ହୋଇଛି । ରାଜ୍ୟରେ ଶିଳ୍ପାନୁଷ୍ଠାନ ଗଢି ଉଠିଥିବାରୁ ଏହି କ୍ଷେତ୍ର ପାଇଁ ୬ଟି ଓଆଇଏସ୍‌ଏଫ୍ (ଓଡ଼ିଶା ଶିଳ୍ପ ସୁରକ୍ଷା ବାଟାଲିୟନ) ଗଠନ କରିବାକୁ ନିଷ୍ପତ୍ତି ହୋଇଛି । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ଆଉ ୧୦ଟି ଓଡ୍ରାଫ ଟିମ୍ ଗଠନ କରାଯିବ । ଇତିମଧ୍ୟରେ ଅଗ୍ନିସେବା ବିଭାଗରେ ୮୨୬ ଫାୟାରମ୍ୟାନ ଓ ୧୧୫ ଡ୍ରାଇଭର ନିଯୁକ୍ତି ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ସାଧାରଣ ପ୍ରଶାସନ ବିଭାଗ ଅଧିନରେ ଥିବା ନିଯୁକ୍ତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି । ଓପିଏସ୍‌ସି ଜରିଆରେ ୧୧୪୭, ଓଏସ୍‌ଏସ୍‌ସି ଜରିଆରେ ୩୨୫୫, ଓଏସ୍‌ଏସ୍‌ଏସ୍‌ସି ଜରିଆରେ ୨୯୯୨ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି । ଇତିମଧ୍ୟରେ ୪ଟି ନିଯୁକ୍ତିମେଳା ଜରିଆରେ ୧୭ହଜାର ୭ଶହ ୧୦ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଆଗାମୀ ଦିନରେ ଓଡ଼ିଶାରେ ୧ଲକ୍ଷ ୮୦ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ସହିତ ୧ଲକ୍ଷ ୧୦ହଜାର ନୂଆ ନିଯୁକ୍ତି ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ଏବଂ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରଖିବାକୁ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ପୂର୍ବ ସରକାର ଅମଳରେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣୀ ହୋଇପାରୁନଥିଲା କି ସେତେବେଳର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାମ କରୁନଥିଲା । ତେବେ ସେ ମୁଖ୍ୟମନ୍ତ୍ରୀ ହେବା ପରେ ଗତ ଜୁଲାଇ ମାସରୁ ଏପର୍ଯ୍ୟନ୍ତ ୬୮୪୨ ଅଭିଯୋଗର ଶୁଣାଣୀ କରିଛନ୍ତି । ସେଥିମଧ୍ୟରୁ ୫୩୧୧ର ଅଭିଯୋଗର ଫଇସଲା ସରିଛି । ଯାହା ୭୭.୦୬ ପ୍ରତିଶତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେହିପରି ମୃତ ସରକାରୀ କର୍ମଚାରୀଙ୍କ ଝିଅ କିମ୍ବା ସମ୍ପର୍କୀୟଙ୍କୁ ଡି (ଘ) ପଦ ବର୍ଗରେ ନିଯୁକ୍ତି ଦେବା ପାଇଁ ବର୍ତ୍ତମାନ ସରକାର ବିଚାର କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳ ନୀତିକୁ ସରକାର ଆପଣେଇଛନ୍ତି ଏବଂ ଏଥିରେ ଏପର୍ଯ୍ୟନ୍ତ ୧୮୫ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ୭୭କୋଟି ୭୮ ଲକ୍ଷ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଜବତ କରାଯାଇଛି ।

ଏହି ଖର୍ଚ୍ଚଦାବି ଆଲୋଚନାରେ ବିରୋଧିଦଳରୁ ବିଧାୟକ ସର୍ବଶ୍ରୀ ବ୍ୟୋମକେଶ ରାୟ, ରାମଚନ୍ଦ୍ର କାଡାମ, ତୁଷାର କାନ୍ତି ବେହେରା, ଧ୍ରୁବଚରଣ ସାହୁ, ସିଏସ୍ ରାଜନ ଏକ୍କା, ଗୌତମବୁଦ୍ଧ ଦାସ, ଶାରଦା ପ୍ରସାଦ ଜେନା, ସୁଜାତା ସାହୁ ଭାଗ ନେଇଥିବା ବେଳେ ଶାସକ ଦଳରୁ ସିଦ୍ଧାନ୍ତ ମହାପାତ୍ର, ଶାରଦା ପ୍ରଧାନ, ବାବୁସିଂ, ବିଭୂତି ଭୂଷଣ ପ୍ରଧାନ, ସନ୍ତୋଷ ଖଟୁଆ, ଅମର ନାୟକ, ସୀତାଂଶୁ ଶେଖର ମହାପାତ୍ର, ଦୁଷ୍ମନ୍ତ ସ୍ୱାଇଁ ଓ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଭାଗ ନେଇଥିଲେ ।

# ୟୁଏଆଇଏଲ୍ ସିଏସଆର୍ ଟିମ୍ ଦ୍ୱାରା ନୂଆଗାଁ ଗ୍ରାମରେ ମଲ୍‌ଟି-ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜିତ



**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍)ର ସିଏସ୍‌ଆର ପ୍ରୟାସ ଅଧୀନରେ ନୂଆଗାଁ ଗ୍ରାମରେ ୨୦୨୪ ନଭେମ୍ବର ୨୮ରେ ଏକ ମଲ୍‌ଟି-ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଜୟ ଚୌହାନ, ମାଇନ୍ସ ହେଡ୍, ଡ. ନେତ୍ରାନନ୍ଦ ନାୟକ, ମେଡିକାଲ ଅଫିସର-ଇନ୍-ଚାର୍ଜ, ବିପିଏଏମ୍ , ଏନଏଚ୍‌ଏମ୍ କାଶୀପୁର, ଆଇଆଇସି ଅଣ୍ଡିରାକଞ୍ଚ, ଡ. ଦେବୀ ମିଶ୍ର, ମେଡିକାଲ ଅଫିସର ୟୁଏଆଇଏଲ୍ ଏବଂ ନୂଆଗାଁର ସମ୍ମାନୀୟ ଗ୍ରାମ ନେତୃବୃନ୍ଦଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ରବି ମିଶ୍ର, ୟୁନିଟ ହେଡ, ୟୁଏଆଇଏଲ୍ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଜନସମୁଦାୟଙ୍କୁ ସୁଲଭ୍ୟ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇବା ଏହି ସ୍ୱାସ୍ଥ୍ୟ ଶିବିରର ଲକ୍ଷ୍ୟ ଥିଲା । ନିକଟବର୍ତ୍ତୀ ୮ଟି ଗ୍ରାମର ମୋଟ ୫୧୨ ଜଣ ରୋଗୀ ଏହି ଶିବିରରୁ ଉପକୃତ ହୋଇଥିଲେ, ଏବଂ ସେମାନଙ୍କୁ ମାଗଣା ଡାକ୍ତରୀ ପରାମର୍ଶ ଓ ଔଷଧ ଯୋଗାଇ ଦିଆଯାଇ ଥିଲା । ଏହି ପ୍ରୟାସ ସିଏସଆର ମୁଖ୍ୟ ନିହାରିକା ସାହୁଙ୍କ ନେତୃତ୍ୱରେ ବାଫିଲମାଳି ଖଣିର ସିଏସଆର୍ ଟିମ୍ ଦ୍ୱାରା ଅତି ସୁନ୍ଦର ଭାବରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ୟୁଏଆଇଏଲ୍ ପକ୍ଷରୁ ଏହାର କାର୍ଯ୍ୟ ପରିଚାଳନା ଅଞ୍ଚଳରେ ଜନସାଧାରଣଙ୍କ କଲ୍ୟାଣ ତଥା ସେମାନଙ୍କ ସ୍ୱାସ୍ଥ୍ୟ-ସେବାକୁ ପରିବର୍ଦ୍ଧିତ କରିବା ନିମନ୍ତେ ଅକୁଣ୍ଠ ପ୍ରତିବଦ୍ଧତାର ଏକ ନିଦର୍ଶନ ହୋଇଛି । ଏଭଳି ପ୍ରୟାସଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନର ମାନରେ ଉନ୍ନତି ଆଣିବା ଏବଂ ଉକ୍ତ ଅଞ୍ଚଳରେ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ୟୁଏଆଇଏଲ୍‌ର ଉତ୍ସର୍ଗୀକୃତ ଭାବକୁ ପ୍ରତିଫଳିତ କରୁଛି ।

# ମହାନଦୀରେ ପୁଣି ଅଘଟଣ : ନଦୀକୁ ଡେଇଁ ଆତ୍ମହତ୍ୟା କଲେ ଯୁବକ

**କଟକ, ନ୍ୟୁଜ୍‌ବ୍ୟୁରୋ**

ମହାନଦୀକୁ ଡେଇଁ ପୁଣି ଜଣଙ୍କ ଆତ୍ମହତ୍ୟା । କଟକ ତୁଳସୀପୁର ଆଖଣ୍ଡଳମଣି ମନ୍ଦିର ନିକଟକରେ ଥିବା ମହାନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ଜଣେ ବ୍ୟକ୍ତି । ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି । ଖବର ଅନୁଯାୟୀ, ସୋମବାର ଦିନ କଟକ ତୁଳସୀପୁର ଆଖଣ୍ଡଳମଣି ମନ୍ଦିର ନିକଟରେ ପୁଣି ଘଟିଛି ଏକ ଅଘଟଣ । କୌଣସି କାରଣକୁ ନେଇ ଜଣେ ବ୍ୟକ୍ତି ମହାନଦୀକୁ ଡେଇଁପଡି ଥିଲେ । ଏହାପରେ ଘଟଣା ସଂପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ତେବେ ବର୍ତ୍ତମାନ ଯାଏଁ ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି । କେଉଁ କାରଣକୁ ନେଇ ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଛନ୍ତି । ତାହା ପୋଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।


**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PRKNG

ଷ୍ଟେସନ ଏବଂ ସ୍ଥାନ : (1) ରାହାମା-MIX (2-ସହ-4 ଚକିଆ) (ପରିଚଳନ କ୍ଷେତ୍ରରେ), (2) ନିରାକାରପୁର-MIX (2-ସହ-4 ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.16.12.2024ରିଖ 1130 ଘଟିକା (ଉଭୟ କ୍ରମ ସଂଖ୍ୟା ନିମନ୍ତେ) ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.16.12.2024ରିଖ 1200 ଘଟିକା (କ୍ରମ ସଂ. 1 ପାଇଁ)ଏବଂ 1210 ଘଟିକା (କ୍ରମ ସଂ. 2 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

PR-770/P/24-25 — ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼



A-661

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**

Email Address: cemech.eicwr.od@gmail.com
**e-Procurement Notice- Bid Identification No.- CEM/MDB-01/ 2024-25**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM/MDB - 01/2024-25 |
| 5. | Tender Value | : Rs. 33,70,409.00 |
| 6. | Period of Completion | : 02(Two) calendar months. |
| 7. | Date & time of availability of bid documents in the Portal | : From dt.04.12.2024 (10.00 AM) to dt.16.12.2024 (5.30 PM) |
| 8. | Last date/ time for receipt of bid In the Portal | : dt.16.12.2024 (up to 5.30 PM) |
| 9. | Date and Place of opening of Technical Bid | : dt.17.12.2024 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-
Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32520/11/0017/2425



NOTICE INVITING TENDER
**OFFICE OF THE MUNICIPAL COUNCIL,NAYAGARH**
NAYAGARH(ODISHA),PIN-752069
e-Mail :- nacnayagarh@yahoo.co.in
Tender Call Notice No. 3311 / Dt.30.11.2024
E- Procurement Notice No.MUNLNGR- 07 / 2024-25

C-1158

| | | | |
|---|---|---|---|
| 1 | Name of the Work | : | Civil Works |
| 2 | No of Works | : | 04 Nos. |
| 3 | Value of Work | : | Rs.4,44,880/- to Rs.16,94,878/- |
| 4 | Class of Contractor | : | D & C |
| 5 | Period of Completion | : | As per DTCN |
| 6 | Date of Publication | : | Dt.02.12.2024 |
| 7 | Date and Time of availability of document in the portal. | : | From Dt.03.12.2024 at 10.00 AM to Dt.11.12.2024 up to 5.00 PM |
| 8 | Last Date/Time for receipt of bids in portal | : | Dt.11.12.2024 up to 5.00 PM |
| 9 | Last date of Submission of original documents in this Office | : | On or before 5.00 P.M. on Dt.13.12.2024 by Registered Post / Speed Post / Drop Box available at Municipal Office |
| 10 | Date and Time of opening Bid | | Dt.16.12.2024 at 11.00 AM at Municipality Office, Nayagarh |
| 11 | Name and address of the officer inviting bid | | Sd/- Executive officer, Nayagarh Municipality |

Further details can be seen from e-Procurement portal https://tendersodisha.gov.in OIPR-13134/11/0013/2425



b-22

**GOVERNMENT OF ODISHA**
**Office of the Executive Engineer**
**N.H. Division, Bhubaneswar Email-eenh_bbsr@yahoo.co.in**
**Ph No-0674-2972908**
**INVITATION FOR BIDS**
**BID IDENTIFICATION NO. 06 SE NH, BBSR of 2024-25**

**The Superintending Engineer, National Highways Division, Bhubaneswar on behalf of Governor of Orissa invites percentage rate bids in Single cover system on online mode for construction of works as detailed in the table below from eligible contractors as mentioned in Col. 7 registered with the State Govt. and Contractors of equivalent Grade or Class registered with Central Government / Other State Government / MES / Railways for execution of Civil Works, on production of definite proof from the appropriate authority.**

| Sl No | Name of work | Approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of conference hall in 1st floor of o/o CCE, Northern N.H Circle, Bhubaneswar for the year 2024-25 | Rs. 2676618/- (Excluding GST) | NH Sub Division, Bhubaneswar | Rs.26766/- | Rs.6000/- | “C & B” Class Contractor | Two Months |
| 2 | Proposed Additional Office rooms for O/o RO, MoRTH, Bhubaneswar for the year 2024-25 | Rs. 3877428/- (Excluding GST) | NH Sub Division, Bhubaneswar | Rs.38774/- | Rs.6000/- | “C & B” Class Contractor | Two Months |

The bidders have to participate in ONLINE bidding only. The web- site for "ONLINE BIDDING" is http://tendersodisha.gov.in.

1. Bid documents will be available in above website from dt.04.12.2024 to dt.13.12.2024 up to 17.30 Hours. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 11.30 hours on dt.16.12.2024. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in
2. Subsequent corrigendum / addendum if required shall be available in the website as indicated above.
3. The authority reserves the right to cancel any/all bids without assigning any reason.

OIPR-34044/11/0002/2425

**Superintending Engineer**
**N.H. Division, Bhubaneswar**



B-709

**GOVERNMENT OF ODISHA**
**SUPERINTENDING ENGINEER, BOUDH (R&B) DIVISION, BOUDH**
**E-mail-eeboudhrb@gmail.com**
**INVITATIONS FOR BIDS (IFB)**
**"e" procurement Notice**

**Letter No. 4407** **dtd. 28.11.2024.**

**Bid Identification No. SE (R & B)-BDH 15/2024-25**

| | | |
|---|---|---|
| 1) Name of the work | : | 01 (One) No. of Civil work (Single Cover) 01 (One) No. of Civil work (Double Cover) |
| 2) Estimated Cost | : | 37.57 lakh to 62.47 lakhs |
| 3) Period of Completion | : | 04 (Four) to 06 (Six) Calendar months. |
| 4) Date & Time of availability of Bid documents in the portal | : | From 10.12.2024, 10.00 AM to 21.12.2024, 5.00 PM |
| 5) Last date/time for seeking of Tender Clarification | : | 21.12.2024 up to 1.00 P.M |
| 6) Last date/time for receipt of bids in the portal | : | up to 5.00 P.M. of dated 21.12.2024 |
| 7) Date & time of opening of tender /Bid | : | 23.12.2024 at 11.30 A.M |
| 8) Name and address of the O.I.T. | : | Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in

OIPR-34134/11/0012/2425

Additional Chief Engineer,
Boudh (R&B) Division, Boudh

ଭୁବନେଶ୍ୱର
୦୩ ଡିସେମ୍ବର
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ : ଯୋଗଦେବେ ରାଷ୍ଟ୍ରପତି



**ପୁରୀ, ୨/୧୨ ନ୍ୟୁଜ ବ୍ୟୁରୋ**
ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଆସନ୍ତା ୪ ତାରିଖରେ ହୀରକ ଜୟନ୍ତୀ ଉତ୍ସବ ପାଳନ କରିବାକୁ ଯାଉଛି । ଏହି ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି ଚୂଡ଼ାନ୍ତ ହୋଇଛି। ସମ୍ମାନିତ ଅତିଥିଭାବେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ସମ୍ପର୍କରେ ଅଧକ୍ଷ ପ୍ରାଧାପକ ଡା. ଅରୁଣ କୁମାର ଦାସ ସୂଚନା ଦେଇଛନ୍ତି। ଏହି ତିନି ଦିନରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆୟୁର୍ବେଦ ପର୍ବ ଅନୁଷ୍ଠିତ ହେବ। ଦେଶବିଦେଶରୁ ଆୟୁର୍ବେଦ ଡାକ୍ତର, ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀ, ଅଧାପକ ଅଧାପିକା ଏଥିରେ ଅଂଶଗ୍ରହଣ କରିବା ସହ ଜନସ୍ୱାସ୍ଥ୍ୟ ସେବାରେ ଆୟୁର୍ବେଦ ଚିକିତ୍ସା ସମ୍ପର୍କରେ ଆଲୋଚନା କରିବେ। ଏହାଛଡ଼ା କାର୍ଯ୍ୟକ୍ରମ ଅବସରରେ ମାଗଣା ସ୍ୱାସ୍ଥ୍ୟଶିବିର, ସ୍ୱାସ୍ଥ୍ୟପରୀକ୍ଷା, ଖାଦ୍ୟମେଳା, ଶବ୍ଦାବଳୀ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବା ଲାଗି ନିଷ୍ପତ୍ତି ହୋଇଛି ବୋଲି ମହାବିଦ୍ୟାଳୟର ଅଧକ୍ଷ କହିଛନ୍ତି।

## 'ଶ୍ରୀଜଗନ୍ନାଥଙ୍କ ମାମୁଘର' ପୁସ୍ତକ ଲୋକାର୍ପଣ

**ଭୁବନେଶ୍ୱର, ୨/୧୨**
**ନ୍ୟୁଜ ବ୍ୟୁରୋ**
ବିଶିଷ୍ଟ ଗବେଷକ ଲକ୍ଷ୍ମୀଧର ସାହୁଙ୍କ ଗବେଷଣାତ୍ମକ ପୁସ୍ତକ 'ଶ୍ରୀଜଗନ୍ନାଥଙ୍କ ମାମୁଘର' ଓ ଶିଶୁସାହିତ୍ୟିକ ବିଜୟ କୁମାର ମହାନ୍ତିଙ୍କ ଶିଶୁ ଓ କିଶୋରଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ 'ଜଗନ୍ନାଥଙ୍କ ମାମୁଘର'ର ଲୋକାର୍ପଣ ହୋଇଯାଇଛି । ପ୍ରାଚୀକ୍ଷେତ୍ରର ଆରାଧ୍ୟ ଦିଅଁ ନିଆଳି-ମାଧବର ଶ୍ରୀଶ୍ରୀମାଧବାନନ୍ଦଜୀଉଙ୍କ ପୀଠରେ ବିଶିଷ୍ଟ ସନ୍ଥ ସ୍ୱାମୀ ଶୁଦ୍ଧାନନ୍ଦ ଗିରିଙ୍କ ହାତରେ ଏହା ଲୋକାର୍ପିତ ହୋଇଛି । ଏହି ଦୁଇଟି ପୁସ୍ତକ ମହାପ୍ରଭୁଙ୍କ ଠାରେ ପୂଜାର୍ଚ୍ଚନା ପୂର୍ବକ ସମର୍ପଣ ପରେ ଶ୍ରୀଗରୁଡ଼ଙ୍କ ନିକଟରେ ସ୍ୱାମିଜୀ ଏହାର ଉନ୍ମୋଚନ କରିଛନ୍ତି । ଏହି ଉତ୍ସବରେ ସଂଯୋଜନା କରିଥିଲେ ତ୍ରିଲୋଚନ ପୁଷ୍ପାଳକ । ଏଥିରେ ଲେଖକ ରାଜକିଶୋର ନନ୍ଦ, ଲକ୍ଷ୍ମୀଧର ସାହୁ, ଚିତ୍ତରଞ୍ଜନ ପାତ୍ର, ଭାସ୍କର ପୁଷ୍ପାଳକ, ଲକ୍ଷ୍ମୀଧର ପୁଷ୍ପାଳକ, ବିଜୟ ପରିଡ଼ା ଓ ଅକ୍ଷୟ ପରିଡ଼ାଙ୍କ ସମେତ ସେବକ ନିଯୋଗର ବହୁ ସେବାୟତ ଯୋଗଦେଇଥିଲେ ।



ଭୁବନେଶ୍ୱର : ଓଡ଼ିଶା ବିଧାନସଭା ସ୍ଥିତ ଚାମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଲେଫ୍ଟନାଣ୍ଟ ଜେନେରାଲ ପଦମ ସିଂ ଶେଖାୱତ। (ଫଟୋ : ସମ୍ବାଦ କଳିକା)

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପାଇଁ ଅଭୁତପୂର୍ବ ସୁରକ୍ଷା ବ୍ୟବସ୍ଥା

# ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ହେଲା କାରକେଡ୍ ରିହର୍ସାଲ



**ଭୁବନେଶ୍ୱର, ୨/୧୨**
**ନ୍ୟୁଜ ବ୍ୟୁରୋ**
ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ପୂର୍ବରୁ କଡାକଡି ହୋଇଛି ସୁରକ୍ଷାବ୍ୟବସ୍ଥା। ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ କାରକେଡ ରିହର୍ଲସଲ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଯେପରି କୌଣସି ସମସ୍ୟା ନ ଉପୁଜିବ ସେଥିପାଇଁ ତତ୍ପର ହୋଇ ଉଠିଛି ପୋଲିସ ବିଭାଗ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବ୍ଲୁ ବୁକ୍ ଅନୁସାରେ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ୩ ଜଣ ଡିସିପି ର୍ୟାଙ୍କର ଅଫିସର, ୧୫ ଜଣ ଆଡିସନାଲ ର୍ୟାଙ୍କର ଅଫିସର, ୪୫ ଏସିପି ର୍ୟାଙ୍କର ଅଫିସର, ୨୦୦ ଜଣ ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟର ର୍ୟାଙ୍କର ଅଫିସର ଦାୟିତ୍ୱରେ ରହିବେ। ଟ୍ରାଫିକର ସୁପରିଚାଳନା ପାଇଁ ୪୦ ପ୍ଲାଟୁନରୁ ଅଧିକ ଫୋର୍ସ ମୁତୟନ ହେବେ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ପିନାକ ମିଶ୍ର।

## ବିଧାୟକଙ୍କୁ ଆକ୍ରମଣ ଘଟଣା: ସରପଞ୍ଚଙ୍କୁ ଅନ୍ତରୀଣ ସୁରକ୍ଷା ଦେଲେ ହାଇକୋର୍ଟ

**କଟକ, ୨/୧୨ ନ୍ୟୁଜ ବ୍ୟୁରୋ**
ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ଅନ୍ତରୀଣ ସୁରକ୍ଷା ଦେଇଛନ୍ତି ହାଇକୋର୍ଟ। କେଶ୍ ଡାଏରୀ ଦାଖଲ କରିବାକୁ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅଭିଯୁକ୍ତ ଦେବାଶିଷ ପଣ୍ଡା ଗିରଫ ହେବେ ନାହିଁ। ଆକ୍ରମଣ ଘଟଣାରେ ତାଙ୍କ ନାଁରେ ଥାନାରେ ମାମଲା ହୋଇଥିଲା। ଗିରଫଦାରୀ ଭୟ ଏଡାଇବାକୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ବିଚିତ୍ରପୁର ପଞ୍ଚାୟତ ସରପଞ୍ଚ ଦେବାଶିଷ ପଣ୍ଡା। ତେବେ ସେଦିନର ଏହି ପଞ୍ଚାୟତ ଅଞ୍ଚଳରେ ଆକ୍ରମଣ ଘଟିଥିଲା। ଯାଜପୁରର ମାଆ ବିରଜା ପରିକ୍ରମା ପ୍ରକଳ୍ପ ପାଇଁ ଗତ ୨୧ ତାରିଖରେ ଆନ୍ଦୋଳନ ସମୟରେ ହୋଇଥିବା ଧସ୍ତାଧସ୍ତି ଘଟଣାରେ ଗିରଫ ହୋଇଥିଲେ ଭବ ପ୍ରସାଦ ଦାସ । ଯାଜପୁର ଟାଉନ ଥାନା ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପରେ ଭବଙ୍କ ନାମରେ ଆଉ ଏକାଧିକ ମାମଲା ଯୋଡା ଯାଇଥିଲା। ଏହି ଘଟଣାରେ ସରପଞ୍ଚ ଦେବାଶିଷ ପଣ୍ଡାଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

## କିଟ୍‌ରେ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ବାଇଲାଟେରାଲ୍ କ୍ରିକେଟ ଶୃଙ୍ଖଳା ଉଦ୍‌ଘାଟିତ

# ପ୍ରଥମ ଟି-୨୦ରେ ଅଷ୍ଟ୍ରେଲିଆ ୫ ରନ୍‌ରେ ବିଜୟୀ

**ଭୁବନେଶ୍ୱର,୨।୧୨ନ୍ୟୁଜ ବ୍ୟୁରୋ**
କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ବାଇଲାଟେରାଲ୍ କ୍ରିକେଟ୍ ଶୃଙ୍ଖଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, କିଟ୍ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା କ୍ରିକେଟ ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ହେଉଥିବା ଏହି କ୍ରିକେଟ୍ ଶୃଙ୍ଖଳାକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ । ପ୍ରଥମ ଥର ଲାଗି କିଟ୍ ବିଶ୍ୱବିଦ୍ୟାଳୟରେ ଏଭଳି ବାଇଲାଟେରାଲ୍ କ୍ରିକେଟ୍ ଶୃଙ୍ଖଳା ଆୟୋଜିତ ହେଉଥିବା ବେଳେ ଏଥିରେ ଭାରତ ଓ ଅଷ୍ଟ୍ରେଲିଆ ଯୋଗ ଦେଇଛନ୍ତି।



ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରେଲିଆର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ବଛାବଛା ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି । ଶୃଙ୍ଖଳାରେ ଡିସେମ୍ବର ୨ ଓ ୩ ତାରିଖରେ ତିନୋଟି ଟି-୨୦ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଡିସେମ୍ବର ୫ ତାରିଖରେ ୫୦ ଓଭର ବିଶିଷ୍ଟ ଗୋଟିଏ ଦିନିକିଆ ମ୍ୟାଚ୍ ଖେଳାଯିବ । କିଟ୍ ପକ୍ଷରୁ ସମସ୍ତ ଖେଳାଳି, କୋଚ ଓ ଅଫିସିଆଲ୍‌ଙ୍କ ରହିବା ଓ ଆତିଥ୍ୟ ପ୍ରଦାନ କରାଯାଉଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର କ୍ରୀଡ଼ା ଯୁଗ୍ମ ସମ୍ପାଦକ ପ୍ରଫେସର ବଳଜିତ୍ ସିଂହ ଶେଖାଓଁ, ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂଘର କାର୍ଯ୍ୟକାରିଣୀ ସଦସ୍ୟ ତଥା ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଚେୟାର ଡାଭିଡ୍ ଆଷ୍ଟନ ସମୁଡ୍ ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସୋମବାର ଭାରତ ଟସ୍ ଜିଣି ପ୍ରଥମେ ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୪୯ ରନ୍ ସଂଗ୍ରହ କରିଥିବା ବେଳେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ବିନିମୟରେ ୧୪୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୫ ରନ୍‌ରେ ବିଜୟୀ ହୋଇଥିଲା । ଅଷ୍ଟ୍ରେଲିଆ ଦଳର ଅଧିନାୟକ କାଭି ସାଇନିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ମଙ୍ଗଳବାର ଉଭୟ ଦଳ ମଧ୍ୟରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ । ସକାଳ ୯.୩୦ ଓ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ଗୋଟିଏ ଲେଖାଏଁ ଟି-୨୦ ମ୍ୟାଚ୍ ଖେଳାଯିବ।

## ବନାଗ୍ନି ପ୍ରଦୂଷଣରେ ବର୍ଷକୁ ମରୁଛନ୍ତି ୧୫ ଲକ୍ଷରୁ ଅଧିକ ଲୋକ

**ନୂଆଦିଲ୍ଲୀ,୨।୧୨**
ବାୟୁ ପ୍ରଦୂଷଣ ଯେ କେତେ ଭୟଙ୍କର ହୋଇପାରେ ତାହା ଜାଣିଲେ ଆଶ୍ଚର୍ଯ୍ୟ ଲାଗେ। ଜଙ୍ଗଲରେ ନିଆଁ କାରଣରୁ ହେଉଥିବା ବାୟୁ ପ୍ରଦୂଷଣ ଯୋଗୁ ବର୍ଷକୁ ୧.୫୩ ମିଲିଅନ ଲୋକଙ୍କର ମୃତ୍ୟୁ ହେଉଛି ବୋଲି ସ୍ୱାସ୍ଥ୍ୟ ସମ୍ପର୍କିତ ଖବର ପ୍ରକାଶ କରୁଥିବା ପତ୍ରିକା ଲାନସେଟ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଲୋକଙ୍କ ଦ୍ୱାରା ହେଉ ବା ପ୍ରାକୃତିକ ଉପାୟରେ, କିମ୍ବା ବଣବୁଦାରେ ଲାଗିଥିବା ନିଆଁକୁ ଏହି ଗବେଷଣାରେ ସାମିଲ କରାଯାଇଥିଲା। ଯେଉଁଥିରେ ଏଭଳି ଭୟଙ୍କର ରିପୋର୍ଟ ସାମ୍ନାକୁ ଆସିଛି। ଜଙ୍ଗଲି ନିଆଁ ଯେ କେତେ ଭୟଙ୍କର ହୋଇପାରେ ରିପୋର୍ଟ ବିଷୟରେ ଜାଣିବା ପରେ ଯେଉଁମାନେ ଜଙ୍ଗଲରେ ନିଆଁ ଲଗାଉଛନ୍ତି ସେମାନେ ବୋଧେ ଆଉ ଏ ଭୁଲ୍ କରିବେନି। ରିପୋର୍ଟ ଅନୁଯାୟୀ, ଏହି ମୃତ୍ୟୁର ୯୦%ରୁ ଅଧିକ ମୃତ୍ୟୁ ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶରେ ଘଟିଛି। ମୁଖ୍ୟତଃ ସାହାରା ଆଫ୍ରିକା, ଦକ୍ଷିଣ ପୂର୍ବ ଏସିଆ, ଦକ୍ଷିଣ ଏସିଆ ଏବଂ ପୂର୍ବ ଏସିଆରେ ମୃତ୍ୟୁ ହୋଇଛି। ଭାରତ, ଚୀନ୍, କଙ୍ଗୋ, ଇଣ୍ଡୋନେସିଆ ଏବଂ ନାଇଜେରିଆ ସର୍ବାଧିକ ମୃତ୍ୟୁ ହୋଇଥିବା ଦେଶ ଭାବରେ ଚିହ୍ନଟ କରାଯାଇଛି। ଜଙ୍ଗଲି ନିଆଁ ପାଇଁ ସାରା ବିଶ୍ୱରେ ଲୋକଙ୍କ ମୃତ୍ୟୁ ହେଉଛି। ଜନସ୍ୱାସ୍ଥ୍ୟ ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ଏହା ସତ୍ତ୍ୱେ ବି ଲୋକେ ଜଙ୍ଗଲ ନିଆଁଦ୍ୱାରା ହେଉଥିବା ପ୍ରଦୂଷଣର ଭୟାବହତା ସମ୍ପର୍କରେ ଭଲ ଭାବରେ ଅବଗତ ନୁହଁନ୍ତି ବୋଲି ଲାନସେଟ୍‌ରେ କୁହାଯାଇଛି।

## ବ୍ରହ୍ମପୁର ଏମ୍‌କେସିଜିରେ ପୁଣି ରାଗିଂ ଅଭିଯୋଗ : ଆଣ୍ଟି ରାଗିଂ କମିଟିରେ ହାଜର ହେବାକୁ ନୋଟିସ୍

**ବ୍ରହ୍ମପୁର ୦୨।୧୨ ନ୍ୟୁଜ ବ୍ୟୁରୋ**
ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ପୁଣି ରାଗିଂ ଅଭିଯୋଗ । ଛାତ୍ରୀମାନେ ରାଗିଂର ଶିକାର ହେଉଥିବାର ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ସିନିୟର ଛାତ୍ରଛାତ୍ରୀମାନେ ସେମାନଙ୍କ ହୋମ୍‌ୱାର୍କ ଜୁନିୟରଙ୍କ ଦ୍ୱାରା କରୁଥିବାର ଅଭିଯୋଗ ଆସିଛି । ଯାହାକୁ ନେଇ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷ ଏବେ ଚିନ୍ତାରେ ପଡିଛନ୍ତି।

ସୂଚନା ଅନୁଯାୟୀ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ କିଛି ସିନିୟର ଛାତ୍ରୀ ନିଜର ଜୁନିୟରମାନଙ୍କୁ ରାଗିଂ କରିଥିବାର ଅଭିଯୋଗ ଆସିଛି । ସିନିୟରମାନେ ସେମାନଙ୍କ ହୋମ୍‌ୱାର୍କ ଜୁନିୟରଙ୍କ ଦ୍ୱାରା କରାଉଛନ୍ତି । ଏହି ଅଭିଯୋଗ ପରେ ପୁରା ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଏମ୍‌କେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଆଣ୍ଟିଂ ରାଗିଂ ସେଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଏପିରିକି ୪ଜଣ ସିନିୟର ଛାତ୍ରୀଙ୍କୁ ସୋମବାର ଆଣ୍ଟି ରାଗିଂ କମିଟି ନିକଟରେ ହାଜର ହେବାକୁ ନୋଟିସ ମଧ୍ୟ କରାଯାଇଛି । ସେହିପରି ଅଭିଯୋଗ ସଂପର୍କରେ ମତାମତ ସଂଗ୍ରହ ଲାଗି ମଙ୍ଗଳବାର ମଧ୍ୟ ଆଣ୍ଟି ରାଗିଂ କମିଟିର ବୈଠକ ବସିବ। ତେବେ କେବଳ ଛାତ୍ରୀ ନୁହନ୍ତି ବରଂ ବହୁ ଛାତ୍ର ମଧ୍ୟ ପୂର୍ବରୁ ରାଗିଂ ଅଭିଯୋଗ ଆଣିଥିଲେ । କଲେଜ କର୍ତ୍ତୃପକ୍ଷ ରାଗିଂ ଘଟଣାକୁ ବନ୍ଦ କରିବାକୁ ସାଧାରଣରେ ଦାବି ମଧ୍ୟ ଉଠିଛି ।


## ପ୍ରକାଶ ଅପେକ୍ଷାରେ...

**ମାସିକ ଗଳ୍ପ ପତ୍ରିକା 'କଥାକଳିକା': ଡିସେମ୍ବର-୨୪ ସଂଖ୍ୟା**




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ।
**ସମକାଳର କଥା :** ସୀମାଞ୍ଚଳ ଦାଶ, ବିପ୍ଳବ ରଞ୍ଜନ ପତି, ରଜନୀକାନ୍ତ ମିଶ୍ର, କନକମଞ୍ଜରୀ ମିଶ୍ର, ବିଦ୍ୟାଧର ଗୁରୁ, ମନୋଜ କୁମାର ଜେନା, ସୁକାନ୍ତି ରାଉତ, ସ୍ୱାଗତିକା ସେଠୀ।
**ଅନ୍ୟ ଭାଷାର କଥା :** ଅଶୋକ କୁମାର ସା।
**ଯୁବ ମାନସର କଥା :** ସନ୍ତୋଷୀ ସ୍ୱାଇଁ, ପାରମିତା ସାହୁ, ପ୍ରଭାତୀ ଜେନା, ସୁଷମା ଲେଙ୍କା, ବିନୋଦିନୀ ଗନ୍ତାୟତ, ପଦ୍ମାଳୟା ପାଢ଼ୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)


## ନଭେମ୍ବରରେ ୧.୮୨ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ, ୨/୧୨**
ନଭେମ୍ବରରେ ମୋଟ୍ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ୮.୫% ବୃଦ୍ଧି ହୋଇ ୧.୮୨ ଲକ୍ଷ କୋଟି ଟଙ୍କା ଛୁଇଁଛି । ଗତ ବର୍ଷ ସମାନ ସମୟରେ ଏହା ୧.୬୮ ଲକ୍ଷ କୋଟି ଟଙ୍କା ରହିଛି । କେନ୍ଦ୍ର ସରକାର ଜାରି କରିଥିବା ଡାଟାରୁ ଏହା ସାମ୍ନାକୁ ଆସିଛି । ଏହି ସମୟରେ ଓଡ଼ିଶାରେ ଜିଏସ୍‌ଟି ଆଦାୟ ୪୭୦୪ କୋଟି ପରୋକ୍ଷ ସଂଗ୍ରହ ହୋଇଛି । ଏହା ଗତ ବର୍ଷ ସମାନ ଅବଧିରେ ୪୨୯୫ କୋଟି ତୁଳନାରେ ୧୦% ଅଧିକ । ରାଜ୍ୟ ଜିଏସ୍‌ଟି ଏବଂ ସମନ୍ୱିତ ଜିଏସ୍‌ଟିରେ ରାଜ୍ୟକୁ ସେଟଲମେଣ୍ଟ ପରେ ଚଳିତ ଆର୍ଥିକ ବର୍ଷ ଅଦ୍ୟାବଧି ୧୭,୨୫୩ କୋଟି ରହିଛି। ଏ କ୍ଷେତ୍ରରେ ଅଭିବୃଦ୍ଧି ରହିଛି ୧୧% । ନଭେମ୍ବରରେ ମୋଟ ଜିଏସ୍‌ଟି ମଧ୍ୟରେ ୩୪,୧୪୧ କୋଟିର କେନ୍ଦ୍ର ଜିଏସ୍‌ଟି, ୪୩,୦୪୭ କୋଟିର ରାଜ୍ୟ ଜିଏସ୍‌ଟି, ୯୧,୮୨୮ କୋଟିର ସମନ୍ୱିତ ଜିଏସ୍‌ଟି ଏବଂ ୧୩,୨୫୩ କୋଟିର ସେସ୍ ସାମିଲ ରହିଛି । ଏହି ଅବଧିରେ ଘରୋଇ ନେଣଦେଣରୁ ଜିଏସ୍‌ଟି ୯.୪% ବୃଦ୍ଧି ହୋଇ ୧.୪୦ ଲକ୍ଷ କୋଟି ଟଙ୍କା ରହିଛି। ସେହିଭଳି ସାମଗ୍ରୀ ଆମଦାନିରୁ ଟିକସ ୬% ବୃଦ୍ଧି ହୋଇ ୪୨,୫୯୧ କୋଟି ରହିଛି । ସରକାର ୧୯,୨୫୯ କୋଟି ଟଙ୍କାର ରିଫଣ୍ଡ ଜାରି କରିଛନ୍ତି । ରିଫଣ୍ଡ ଜାରି ପରେ ନେଟ ଜିଏସ୍‌ଟି ସଂଗ୍ରହ ୧୧% ବଢ଼ି ୧.୬୩ ଲକ୍ଷ କୋଟି ରହିଛି । ଅକ୍ଟୋବରରେ ମୋଟ ଜିଏସ୍‌ଟି ଆଦାୟ ୯% ବୃଦ୍ଧି ହୋଇ ୧.୮୭ ଲକ୍ଷ କୋଟି ଟଙ୍କା ରହିଥିଲା । ଯାହା ଦ୍ୱିତୀୟ ସର୍ବାଧିକ । ଘରୋଇ ବଜାରରେ ବିକ୍ରି ଓ ଅନୁପାଳନରେ ଉନ୍ନତି ଯୋଗୁ ଟିକସ ଆଦାୟରେ ଏଭଳି ଉନ୍ନତି ଆସିଥିଲା । ଅକ୍ଟୋବରରେ ୩୩,୮୨୧ କୋଟିର କେନ୍ଦ୍ର ଜିଏସ୍‌ଟି, ୪୧,୮୬୪ କୋଟିର ରାଜ୍ୟ ଜିଏସ୍‌ଟି, ୯୯,୧୧୧ କୋଟିର ସମନ୍ୱିତ ଜିଏସ୍‌ଟି ଏବଂ ୧୨,୫୫୦ କୋଟିର ସେସ୍ ଆଦାୟ ହୋଇଥିଲା। ଏପ୍ରିଲ-ନଭେମ୍ବର ଅବଧିରେ କେନ୍ଦ୍ର ସରକାର ୧୪.୫୭ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ କରିଛନ୍ତି ବୋଲି ସୂଚନା ମିଳିଛି।



ଭୁବନେଶ୍ୱର : ରାମ ମନ୍ଦିର ପରିସରରେ ଦେବ ଦୀପାବଳି ଉତ୍ସବ ପାଳନ କରାଯାଉଛି। (ଫଟୋ : ସମ୍ବାଦ କଳିକା)


